Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.ORI/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:242✦29 December 2025 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୪୨ ✦୨୯ ଡିସେମ୍ବର ୨୦୨୫ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

'ଅପରେନସନ୍ ସିନ୍ଦୂର'ଠୁ ନେଇ ଟିମ୍ ଇଣ୍ଡିଆର ବିଜୟ ଯାଏ....

ମନ୍ କି ବାତ୍‌ରେ ଭାରତର ସଫଳତା ବଖାଣିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୮/୧୨: ବର୍ଷର ଶେଷ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୨୦୨୫ ଭାରତ ପାଇଁ ମାଇଲଖୁଣ୍ଟର ବର୍ଷ ଥିଲା । କ୍ରୀଡ଼ା, ବିଜ୍ଞାନ ସମେତ ସୁରକ୍ଷାରେ ବଡ଼ ଉପଲବ୍ଧି ମିଳିଛି । ସବୁ କ୍ଷେତ୍ରରେ ଭାରତର ପ୍ରଭାବ ଦେଖିବାକୁ ମିଳିଛି । ମହାକାଶରୁ କ୍ରୀଡ଼ା ପର୍ଯ୍ୟନ୍ତ ଭାରତକୁ ସଫଳତା ମିଳିଛି । ସବୁ କ୍ଷେତ୍ରରେ ଭାରତ ଚାର ଛାପ ଛାଡ଼ିଛି । 'ଅପରେସନ ସିନ୍ଦୂର' ଭାରତୀୟଙ୍କ ଗର୍ବର ପ୍ରତୀକ । ଶତ୍ରୁକୁ କଡ଼ା ଜବାବ ମିଳିଛି । ଭାରତର ବଡ଼ ଶକ୍ତି ଯୁବଶକ୍ତି । ଆଜିର ଭାରତ ସୁରକ୍ଷା ସହିତ କୌଣସି ସାଲିସ୍ କରିବନାହିଁ । ୧୨୯ ତମ ମନ୍ କି ବାତରେ ସମ୍ବୋଧନ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ । ୨୦୨୫ର ପ୍ରତିଟି ମୂହୂର୍ତ୍ତକୁ ନେଇ ଭାରତୀୟ ଗର୍ବିତ- ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମନ କି ବାତ' କାର୍ଯ୍ୟକ୍ରମର ୧୨୯ତମ ଏପିସୋଡ୍ ଥିଲା । କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ଆଉ କିଛି ଦିନ ପରେ ୨୦୨୬ ବର୍ଷ ଆସିବ । ଆଜି ମୁଁ ଆପଣଙ୍କ ସହିତ କଥା ହେବା ସମୟରେ, ଏକ ସମ୍ପୂର୍ଣ୍ଣ ବର୍ଷର ସ୍ମୃତି ମୋ ମନରେ ଆସୁଛି । ଅନେକ ଫଟୋ, ଅନେକ ଆଲୋଚନା, ଅନେକ ସଫଳତା ଯାହା ଦେଶକୁ ଏକତ୍ର କରିଥିଲା । ୨୦୨୫ ଆମକୁ ଅନେକ ମୂହୂର୍ତ୍ତ ଦେଇଥିଲା ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା କ୍ଷେତ୍ର, ବିଜ୍ଞାନରୁ ନେଇ ମହାକାଶ ଯାଏ ବିଶ୍ୱର ପ୍ରମୁଖ ମଂ ପର୍ଯ୍ୟନ୍ତ ସବୁଠି ଛାପ ଛାଡିଛି ଭାରତ । ଏହି ବର୍ଷ, 'ଅପରେସନ ସିନ୍ଦୂର' ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି । ଆଜିର ଭାରତ ସୁରକ୍ଷା ସହିତ କୌଣସି ସମ୍ବାଦର ସାଲିସ କରେ ନାହିଁ । ଅପରେସନ ସିନ୍ଦୂର ସମୟରେ, ଦେଶର ପ୍ରତ୍ୟେକ ଛୋଟରୁ ଭାରତ ମାତାଙ୍କ ପ୍ରତି ପ୍ରେମ ଏବଂ ଭକ୍ତିର ପ୍ରତିଛବି ଉଭା ହୋଇଥିଲା । ଲୋକମାନେ ନିଜର ଭାବନା ପ୍ରକାଶ କରିଥିଲେ । ଏହି ସମାନ ମନୋଭାବ ବନ୍ଦେ ମାତରମ୍ ?ର ୧୫୦ ବର୍ଷ ପୂରଣ କରିବା ସମୟରେ ମଧ୍ୟ ଦେଖାଯାଇଥିଲା । 'କ୍ରୀଡ଼ା ଦୃଷ୍ଟିରୁ ୨୦୨୫ ସୁରଣୀୟ ବର୍ଷ'- ମନ୍ କି ବାତ୍ ରେ ପ୍ରଧାନମନ୍ତ୍ରୀ ମୋଦି କ୍ରୀଡ଼ା ଜଗତର ବିଭିନ୍ନ ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଥିଲେ ଯେ, ୨୦୨୫ କ୍ରୀଡ଼ା ଦୃଷ୍ଟିରୁ ମଧ୍ୟ ଏକ ସୁରଣୀୟ ବର୍ଷ ଥିଲା । ଆମ ପୁରୁଷ କ୍ରିକେଟ ଦଳ ଓଭର ଚାମ୍ପିଅନସିପ୍ ଟ୍ରଫି ଜିତିଥିଲା । ମହିଳା କ୍ରିକେଟ କପ ପ୍ରଥମ ଥର ପାଇଁ ବିଶ୍ୱକପ୍ ଜିତିଥିଲା । ଭାରତର ଝିଅମାନେ ମହିଳା ଦୃଷ୍ଟିହୀନ ୫୨୦ ଜିତି ଇତିହାସ ରଚିଥିଲେ । ଏସିଆ କପ୍ ୫୨୦ ରେ ମଧ୍ୟ ତ୍ରିରଙ୍ଗା ଗର୍ବର ସହିତ ଉଡିଥିଲା । ପାରା-ଆଥଲେଟମାନେ ବିଶ୍ୱ ଚାମ୍ପିଅନସିପରେ ଅନେକ ପଦକ ଜିତି ପ୍ରମାଣ କରିଥିଲେ ଯେ, କୌଣସି ବାଧା ସାହସକୁ ରୋକିପାରିବ ନାହିଁ । ଭାରତ ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ବଡ଼ ସଫଳତା ହାସଲ କରିଛି । ଶୁଭାଂଶୁ ଶୁକ୍ଳା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପହଞ୍ଚିବା ପ୍ରଥମ ଭାରତୀୟ ହୋଇଛନ୍ତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ମହାକୁମ୍ଭ, ରାମ ମନ୍ଦିର ପତାକା ଉତ୍ତୋଳନ ବିଷୟରେ...ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୨୫ରେ ବିଶ୍ୱାସ, ସଂସ୍କୃତି ଏବଂ ଭାରତର ଅନନ୍ୟ ଐତିହ୍ୟ ଏକାଠି ହୋଇଥିଲା । ବର୍ଷ ଆରମ୍ଭରେ ପ୍ରୟାଗରାଜ ମହାକୁମ୍ଭ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଥିଲା । ବର୍ଷ ଶେଷରେ ଅଯୋଧ୍ୟାର ରାମ ମନ୍ଦିରରେ ପତାକା ଉତ୍ତୋଳନ ଉତ୍ସବ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ସ୍ୱଦେଶୀ ପ୍ରତି ଲୋକଙ୍କ ଭକ୍ତାହ ମଧ୍ୟ ସୃଷ୍ଟି ହୋଇଥିଲା । ଲୋକମାନେ କେବଳ ସେହି ଜିପାଦ କିଣୁଛନ୍ତି ଯାହା ଜଣେ ଭାରତୀୟଙ୍କ ଝାଳରେ ରଙ୍ଗୀନ ହୋଇଛି ଏବଂ ଯେଉଁଥିରେ ଭାରତୀୟଙ୍କ ମାଟିର ସୁଗନ୍ଧ ଅଛି ।

ମାଲଗାଡ଼ି ଟ୍ରେନ ଲାଇନଚ୍ୟୁତ

ନଦୀକୁ ଖସିଲା ଅନେକ ବଗି

ନୂଆଦିଲ୍ଲୀ,୨୮/୧୨: ବିହାରର ଜମୁଇ ଜିଲ୍ଲାରେ ବଡ଼ଧରଣର ଟ୍ରେନ ଦୁର୍ଘଟଣା ଘଟିଛି । ଟେଲଓ୍ୱା ବଜାର ରେଲୱେ ହଲ୍ଟ ନିକଟରେ ଆସନସୋଲରୁ ସିମେଂଟ ନେଇ ଆସୁଥିବା ଏକ ମାଲଗାଡ଼ି ଓଲଟିପଡିଛି । ଦୁର୍ଘଟଣାରେ ଅନେକ ବଗି ଲାଇନଚ୍ୟୁତ ହୋଇଥିବାବେଳେ କିଛି ନଦୀ ଚଳକୁ ଖସିଯାଇଛି । ମାଲଗାଡ଼ି ଲାଇନଚ୍ୟୁତ ହେବାରୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବର୍ତମାନ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡିନାହିଁ । ଖବର ପାଇବା ପରେ ରେଲୱେର ବରିଷ୍ଠ ଅଧିକାରୀ, ଇଂଜିନିୟରିଂ ବିଭାଗ ଏବଂ ଟ୍ରାକ ମେଣ୍ଟେନାନ୍ସ ଏବଂ ସୁରକ୍ଷା ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଗତକାଲି ବିକାଳିତ ରାତିରେ ଏହି ଅଘଟଣ ଘଟିଛି । ଅପ୍ ଲାଇନରୁ ମାଲଗାଡ଼ି ଡ୍ରିଲ ନିକଟରେ ପହଞ୍ଚିଂଥିଲା ବେଳେ ଟ୍ରେନ ଲାଇନଚ୍ୟୁତ ହୋଇଥିଲା । ଦୁର୍ଘଟଣାରେ ୩ଟି ବଗି ନଦୀରେ ଖସିପଡିଥିଲା । ଏହାସହିତ ୬ରୁ ଅଧିକ ବଗି ଲାଇନଚ୍ୟୁତ ହୋଇଛି । ତେବେ ଘଟଣାରେ କେହି ମୃତାହତ ହେବାର ଖବର ଆସିନି । ରେଳ ପ୍ରଶାସନ ତରଫରୁ ଟ୍ରେନ ରୁଟ୍ ବଦଳାଇବା ପାଇଁ ପଦକ୍ଷେପ ନିଆଯାଇଛି । ଟ୍ରେନ ସହାୟତାରେ ବଗିଗୁଡିକ ଟ୍ରାକରୁ ହଟାଯାଇଛି । ଯୁଦ୍ଧାଳକାଳ ଭିତିରେ କାମ ଚାଲିଛି ।

ମାଲକାନଗିରି ବ୍ଲକର କନିଷ୍ଠ ଯନ୍ତ୍ରୀ ନିହାର ରଂଜନ ସରକାର ଗିରଫ

ଭୁବନେଶ୍ୱର,୨୮/୧୨(ନି/ପ୍ର): ମାଲକାନଗିରି ଜିଲ୍ଲାର ମାଲକାନଗିରି ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀ ନିହାର ରଞ୍ଜନ ସରକାରଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି ଏବଂ ଆଜି ତାଙ୍କୁ ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ), କୋରାପୁଟ ଅବକାଳରେ ହାଜର କରାଯିବ । ତାଙ୍କ ଉପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଛି । ଶ୍ରୀ ନିହାର ରଞ୍ଜନ ସରକାରଙ୍କ ସମ୍ପତ୍ତି ଉପରେ ହୋଇଥିବା ତଲାଶି ସମୟରେ ତାଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ପ୍ରମାଣ ମିଳିଛି । ସେଥିରେ ୧ଟି ତିନି ମହଲା ବିଶାଳ ଭବନ, ୮ଟି ମୂଲ୍ୟବାନ ପ୍ଲଟ, ୨.୧୧ ଲକ୍ଷ ଟଙ୍କା ନଗଦ, ୧ଟି ଚାରିଚକିଆ ଗାଡ଼ି ଇତ୍ୟାଦି ରହିଛି, ଯାହା ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ।

ନୂଆବର୍ଷରେ ନୂଆ ରୂପରେ ବିଜେଡ଼ି, ବିଜୁ ଯୁବ ଓ ଛାତ୍ର ଟିମ୍ ଗଠନ କଲେ ସୁପ୍ରିମୋ ନବୀନ

ଭୁବନେଶ୍ୱର,୨୮/୧୨(ନି/ପ୍ର): ନୂଆବର୍ଷରୁ ନୂଆ ରୂପରେ ନଜର ଆସିବ ବିଜୁ ଜନତା ଦଳ । ଯୁବ ଓ ଛାତ୍ର ଟିମ୍ ଗଠନ କଲେ ସୁପ୍ରିମୋ ନବୀନ ପଟ୍ଟନାୟକ । ବିଜୁ ଯୁବ ଜନତା ସହିତ ବିଜୁ ଛାତ୍ର ବାହିନୀର ରାଜ୍ୟସ୍ତରୀୟ କମିଟି ଘୋଷଣା ହୋଇଛି । ଯୁବ ଜନତା କମିଟିରେ ୪ କାର୍ଯ୍ୟକାରୀ ସଭାପତି ସହ ଛାତ୍ର ଦଳରେ ୫ କାର୍ଯ୍ୟକାରୀ ସଭାପତି ରହିଛନ୍ତି । ବିଜେଡ଼ି ସଭାପତିଙ୍କ ଅନୁମୋଦନ କ୍ରମେ ନାଁ ଘୋଷଣା ହୋଇଛି । ବିଜୁ ଯୁବ ଜନତା ଦଳରେ ୪ କାର୍ଯ୍ୟକାରୀ ସଭାପତି ସହିତ ୨ ଜଣ ମହାସଚିବ ନାଁ ଘୋଷଣା କରିଛି ଦଳ । ସେହିପରି ୧୫ ବରିଷ୍ଠ ଉପସଭାପତିଙ୍କ ସହ ୫୩ ଜଣ ଉପସଭାପତି ରହିଛନ୍ତି । ୮୫ ଜଣ ସାଧାରଣ ସମ୍ପାଦକ ବିଜୁ ଯୁବ ଜନତା ଦଳରେ ରହିଛନ୍ତି । ସେହିପରି ବିଜୁ ଛାତ୍ର ଜନତା ଦଳରେ ଜିଲ୍ଲା କମିଟିରେ ୧୪୫ ସଦସ୍ୟ ସାମିଲ ହୋଇଛନ୍ତି । ଟିମ୍‌ରେ ୫ କାର୍ଯ୍ୟକାରୀ ସଭାପତି, ୨ ଜଣ କେବେଲାଲ ସେକ୍ରେଟାରୀ ରହିଛନ୍ତି । ୧୫ ବରିଷ୍ଠ ଉପସଭାପତିଙ୍କ ସମେତ ୩୪ ଉପସଭାପତି ରହିଛନ୍ତି ।

ଶ୍ରମିକ ମୃତ୍ୟୁ ଘଟଣାରେ ମମତା ବାନାର୍ଜୀଙ୍କ ଅଭିଯୋଗ ଭିତିହୀନ: ମନମୋହନ ସାମଲ

ଭୁବନେଶ୍ୱର/କୋଲକାତା,୨୮/୧୨: ପଶ୍ଚିମବଙ୍ଗର ଜଣେ ଯୁବ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତିକ୍ରିୟାକୁ ନେଇ କଡ଼ା ଜବାବ ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା । ଏହାକୁ ନେଇ ରାଜନୀତି ହେବା ଉଚିତ ନୁହେଁ । ମମତା ବାନାର୍ଜୀ ଆଣିଥିବା ଅଭିଯୋଗ ଭିତିହୀନ । ସୂଚନାଯୋଗ୍ୟ, ଶ୍ରମିକଙ୍କ ମୃତ୍ୟୁ ଘଟଣାର ଅଧିକ ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୁଲିସର ଏକ ଦଳକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବଲପୁରକୁ ପଠାଇଛନ୍ତି । ଡିସେମ୍ବର ୨୪ ତାରିଖରେ ଘଟିଥିବା ଏହି ଘଟଣା ବିଦାବଦୃଷ୍ଟି କରିଛି ଏବଂ ଉଭୟ ରାଜ୍ୟର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛି । ସମ୍ବଲପୁର ପୁଲିସ ଏହି ମାମଲାରେ ପୂର୍ବରୁ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି ଏବଂ ୩ଟ ବର୍ଷୀୟ ଶ୍ରମିକଙ୍କ ମୃତ୍ୟୁ ନେଇ ଅଧିକ ତଦନ୍ତ ଜାରି ରହିଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର କହିଛନ୍ତି ଏକ 'ଶୂନ୍ୟ ଏଫଆଇଆର୍' ରୁଜୁ କରାଯାଇଛି । ତେଣୁ ପଶ୍ଚିମବଙ୍ଗରୁ ଏକ ପୁଲିସ ଦଳ ତଦନ୍ତ ପାଇଁ ଓଡ଼ିଶା ଯାଇଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମମତା କହିଛନ୍ତି, ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ଉପରେ ହେଉଥିବା ନିର୍ମମ ଅତ୍ୟାଚାର, ଉତ୍ପୀଡ଼ନ ଏବଂ ହିଂସାକୁ ମୁଁ ଦୃଢ଼ ନିନ୍ଦା କରୁଛି ।

ଶିକ୍ଷକଙ୍କ ସମ୍ମାନଜନକ ଜୀବନ ହିଁ ରାଷ୍ଟ୍ର ନିର୍ମାଣର ପ୍ରକୃତ ଆଧାରଶୀଳା ; ଧର୍ମେନ୍ଦ୍ର ପ୍ରଧାନ

ଅନୁଗୁଳ,୨୮/୧୨(ନି/ପ୍ର): ଅନୁଗୁଳରେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ଓଡ଼ିଶା ପ୍ରାନ୍ତର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି ଯେ, ବିକଶିତ ଓଡ଼ିଶା ଏବଂ ଭାରତ ଗଠନ ପାଇଁ ଯୁବପିଢ଼ି ଯଦି ଉଜ୍ଜିନ ହୁଅନ୍ତି, ତେବେ ଶିକ୍ଷକ ସମାଜ ହେଉଛନ୍ତି ସେମାନଙ୍କର ପ୍ରକୃତ ବିଉଦର୍ଶକ । ଶିକ୍ଷକଙ୍କ ସମ୍ମାନଜନକ ଜୀବନ ହିଁ ରାଷ୍ଟ୍ର ନିର୍ମାଣର ପ୍ରକୃତ ଆଧାରଶୀଳା, ଯାହାଙ୍କ ବିକାଶ ପାଇଁ ଆମ ସରକାର ପ୍ରତିବଦ୍ଧ । ସେ ଆହୁରି କହିଛନ୍ତି ଯେ, ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କେବଳ ଏକ ଶିକ୍ଷକ ସଂଗଠନ ନୁହେଁ, ବରଂ ଏହା ଏକ ମହାନ ବିଚାରଧାରା । ଶିକ୍ଷକମାନଙ୍କର ଏକ ସମ୍ମାନଜନକ ଜୀବନ ବଳିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏହି 'ସମ୍ମାନ' କେବଳ ସେମାନଙ୍କର ଜୀବିକା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସେମାନଙ୍କର କର୍ତ୍ତବ୍ୟ ଓ ନିଷ୍ଠା ସହ ଜଡ଼ିତ । ନିଜସ୍ୱ ତ୍ୟାଗ ଏବଂ ସମାଜ ପ୍ରତି ଥିବା ନିଃସ୍ୱାର୍ଥପର ସମର୍ପଣ ହିଁ ଶିକ୍ଷକ ସମାଜର ପ୍ରକୃତ ପରିଚୟ । ଶିକ୍ଷକତା କେବଳ ଏକ ବୃତ୍ତି ନୁହେଁ 'ତପସ୍ୟା' ନୁହେଁ; ଏହା ହେଉଛି ଆମାମୀ ପିଢ଼ିର ଭବିଷ୍ୟତ ଗଢ଼ିବା ପାଇଁ ଏକ ଦୃଢ଼ ଇଚ୍ଛାଶକ୍ତି ଓ ଗୁରୁଦାୟିତ୍ୱ । ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆଦି ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ, ରବୀନ୍ଦ୍ରନାଥ ଟାଗୋର ଏବଂ ମହିମା ଗୋସାଇଁଙ୍କ ପର୍ଯ୍ୟନ୍ତ ସମସ୍ତେ ଭାରତୀୟତାକୁ ପ୍ରତିପାଦିତ କରିଛନ୍ତି । ବର୍ତ୍ତମାନ ସମୟରେ ଆମକୁ 'ମାଇଭଲେ' ମାନସିକତାକୁ ତାହାରି ନିଜର ସଂସ୍କୃତି ଓ ସ୍ୱାଭିମାନକୁ ଆପଣେଇବାକୁ ହେବ । ଏ ଦିଗରେ ଅଞ୍ଚଳ ଭାରତୀୟ ଶୈକ୍ଷିକ ମହାସଂଘ ବି ଦାୟିତ୍ୱ ନେଇ ଆଗକୁ ଅଗ୍ରସର ହେବା ଉଚିତ୍ । ଓଡ଼ିଶା ୨୦୩୬ରେ ଗଠନର ୧୦୦ ବର୍ଷ ଓ ୨୦୪୬ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଓଡ଼ିଶାରେ ସରକାରୀ ଓ ବେସରକାରୀ ସ୍ତରରେ ପାଖାପାଖି ୭୫ ଲକ୍ଷ ସ୍କୁଲ ପିଲା ଅଛନ୍ତି । ଏହି ସମୟ ମଧ୍ୟରେ ସରକାରୀ ସ୍କୁଲର ପିଲାମାନଙ୍କୁ ସମର୍ଥ କରିବା ପାଇଁ ଶିକ୍ଷକ, ସରକାର ଓ ସମାଜକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ । ସ୍କୁଲ ମ୍ୟାନେଜମେଣ୍ଟ କମିଟି ପାଇଁ ଆଗକୁ ନୂଆ ପଳିସି ଲାଗୁ ହେବାକୁ ଯାଉଛି, ଯାହାର ସଫଳ କୂପାୟନର ସମ୍ପୂର୍ଣ୍ଣ ଦାୟିତ୍ୱ ହେଉଛି ସମାଜର । ଶିକ୍ଷକମାନେ ହେଉଛନ୍ତି ସେହି 'ଶିଳ୍ପୀ', ଯିଏ କୋମଳମତି ଶିଶୁରୂପୀ ଜଡ଼ମାଟିକୁ ଏକ ସୁନ୍ଦର ରୂପ ଦେଇଥାନ୍ତି । ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ - ଏହି ତିନି ଜଣଙ୍କ ସମନ୍ୱୟରେ ହିଁ ସମାଜରେ ପ୍ରକୃତ ବ୍ୟବସ୍ଥା ପରିବର୍ତ୍ତନ ଅଣାଯାଇପାରିବ ବୋଲି କହିବା ସହ ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ଓଡ଼ିଶାରେ ସ୍ୱାଭିମାନ, ସ୍ୱାବଲମ୍ବନ ଓ ସଂସ୍କାରଭିତ୍ତିକ ନୂଆ ପାଠ୍ୟସୂଚୀର ପ୍ରଣୟନ କରାଯିବା ଉପରେ ଧର୍ମେନ୍ଦ୍ର ପ୍ରଧାନ ଆଲୋକପାତ କରିଥିଲେ ।

କିବ୍ ଉପରେ ରୁଷ୍‌ର ପ୍ରଚଣ୍ଡ ଆକ୍ରମଣ: ଆଶ୍ରୟସ୍ଥଳରେ ରହିବାକୁ କହିଲେ ମେୟର

କିବ୍,୨୮/୧୨: ୟୁକ୍ରେନର ରାଜଧାନୀ କିବ୍ ଶନିବାର ଅନେକ ଶକ୍ତିଶାଳୀ ବିସ୍ଫୋରଣରେ ଦୋହଲି ଯାଇଛି । ରୁଷ୍ ଦ୍ୱାରା ପ୍ରଚଣ୍ଡ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ପରେ କର୍ତ୍ତୃପକ୍ଷ ରାଜଧାନୀବାସୀଙ୍କୁ ଆଶ୍ରୟସ୍ଥଳରେ ରହିବାକୁ କହିଛନ୍ତି । ୟୁକ୍ରେନ ବାୟୁସେନା ସୋସିଆଲ ମିଡିଆରେ କହିଛି ଯେ ରାଜଧାନୀ ସମେତ ଦେଶର ଅନେକ ଅଞ୍ଚଳରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି ଯେ, ରୁଷ୍ ଓ ୟୁକ୍ରେନ ମଧ୍ୟରେ ପ୍ରାୟ ଚାରି ବର୍ଷ ଧରି ଚାଲିଥିବା ଯୁଦ୍ଧକୁ ସମାପ୍ତ କରିବା ପାଇଁ ଏକ ବୁଝିମାନା ବୁଝାନ୍ତ କରିବା ନିମନ୍ତେ ଆମେରିକାରେ ତାଙ୍କର ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ବୈଠକ ହେବ । ଟେଲିଗ୍ରାମରେ ଏକ ପୋଷ୍ଟରେ କିବ୍ ମେୟର ବିଟାଲି କ୍ଲିଟସ୍କୋ ନାଗରିକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ରାଜଧାନୀରେ ବାରମ୍ବାର ବିସ୍ଫୋରଣ ହେଉଛି, ଆପଶମାନେ ନିରାପଦ ଆଶ୍ରୟସ୍ଥଳରେ ରୁହନ୍ତୁ । ରିପୋର୍ଟରେ କୁହାଯାଇଛି ଯେ, ଅନେକ ପ୍ରଚଣ୍ଡ ବିସ୍ଫୋରଣ ଶୁଣିବାକୁ ମିଳିଥିଲା, କେତେକ ସ୍ଥଳକ ବିସରବଳୟକୁ ଆଲୋକିତ କରିଦେଇଥିଲା । ସହରରେ ବାୟୁ ପ୍ରତିରକ୍ଷା ସକ୍ରିୟ ଥିଲା ଏବଂ ଅନୌପଚାରିକ ଟେଲିଗ୍ରାମ୍ ଚ୍ୟାନେଲଗୁଡିକ ମଧ୍ୟ ବିସ୍ଫୋରଣ ବିଷୟରେ ସୂଚନା ଦେଇଥିଲେ । ସହରରେ ଲୁଚ୍ ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମଧ୍ୟ ମାଡ଼ କରାଯାଇଥିବା ଏକ ସାମରିକ ବ୍ଲଗର ପୋଷ୍ଟ ଦାବି କରିଛି । ରୁଷ୍ ? ସହିତ ଯୁଦ୍ଧ ଶେଷ କରିବାକୁ ନୂତନ ୨୦ସୂତ୍ରୀ ଶାନ୍ତି ଯୋଜନା ବିଷୟରେ ଟ୍ରମ୍ପଙ୍କ ସହ ଆସନ୍ତାକାଲି ଆଲୋଚନା ପାଇଁ ଜେଲେନସ୍କି ଫ୍ରୋନ୍ଟଲାଇନ ଗସ୍ତ ପୂର୍ବରୁ ଏହି ଆକ୍ରମଣ ହୋଇଛି । ନୂତନ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା ପାଇଁ ରବିବାର ବୈଠକ ହେବାକୁ ଯାଉଛି ।

ରଥଯାତ୍ରା ପୂର୍ବରୁ ଗଣତି ମଣତି : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୮/୧୨(ନି/ପ୍ର): ରତ୍ନଭଣ୍ଡାର ଗଣତି ମଣତି ନେଇ ଏସ୍‌ଓପି ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଗଣତି ମଣତି ନେଇ ଏସ୍‌ଓପି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଉଚ୍ଚସ୍ତରୀୟ କମିଟିରେ ଏନେଇ ଆଲୋଚନା ହୋଇଛି । କମିଟି ଏକ ପୂର୍ଣ୍ଣାଙ୍ଗ ଏସ୍‌ଓପି ସରକାରଙ୍କ ପାଖରୁ ପଠାଇବେ । ସରକାରଙ୍କ ପାଖରୁ ଏସ୍‌ଓପି ଆସିଲେ ଗଣତି ମଣତିର ବାଟ ଖୋଲିବ ।

ଉତର ଓ ପୂର୍ବ ଭାରତରେ ଶୀତ ଲହରି ଓ ଘନ କୁହୁଡ଼ି

ନୂଆଦିଲ୍ଲୀ,୨୮/୧୨: ଶନିବାର ଉତ୍ତର ଓ ପୂର୍ବ ଭାରତର ଅଧିକାଂଶ ଅଂଶ ପ୍ରବଳ ଥଣ୍ଡା ଓ ଘନ ଧୂଆଁକ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଗୋନାସିକା-କେନ୍ଦୁଝର ମହୋତ୍ସବ ଉଦ୍‌ଘାଟିତ

କେନ୍ଦୁଝର,୨୮/୧୨(ନି/ପ୍ର):କେନ୍ଦୁଝରଠାରେ ଗୋନାସିକା-କେନ୍ଦୁଝର ମହୋତ୍ସବ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହାକୁ ଉଦ୍ ?ଘାଟନ କରିଛନ୍ତି ।ଓଡ଼ିଶାକୁ ସମୃଦ୍ଧ କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି । ଆସନ୍ତା ୧୦ ବର୍ଷ ମଧ୍ୟରେ ଅର୍ଥାତ ୨୦୩୬ ସୁଦ୍ଧା ଓଡିଶା ଦେଶର ପ୍ରଥମ ୫ ଗୋଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ନିଜ ଅଭିଭାଷଣରେ ସେ କହିଛନ୍ତିଯେ, ଆଜି ଓଡିଶାର ନୂତନ ନିର୍ମାଣର ଯଜ୍ଞ ଆରମ୍ଭ ହୋଇଛି । ଏଥିପାଇଁ ଆମ ସରକାର ଚାଲିଛନ୍ତି ୬୫ ହଜାର କୋଟି ଟଙ୍କାରୁ ବି ଅଧିକ ବ୍ୟବସ୍ଥା କରାଯାଇଛି । ଆଜି ଓଡିଶାର ପ୍ରତ୍ୟେକ ଜିଲ୍ଲାକୁ ରେଳ ସଂଯୋଗ, ଜଳମ ରାସ୍ତା ସଂଯୋଗ ପାଇଁ କାର୍ଯ୍ୟ ଚାଲୁଅଛି । ଆମ ସରକାର ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ସବୁ ଗାଁକୁ ବିଜୁଳି ଏବଂ ସବୁ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ 'ମିଶନ ପାଣ୍ଡାର ର ଗଠନ କରିଛନ୍ତି । ୨୦୩୭ ସୁଦ୍ଧା ଓଡିଶା ଦେଶର ପ୍ରଥମ ପାଞ୍ଚ ଗୋଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ । ଏଥିପାଇଁ ଆମେ ରାଜ୍ୟରେ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ କରିଦେଇଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶାସନ କ୍ଷମତାକୁ ଆସିବାର ମାତ୍ର ସାତ ମାସ ମଧ୍ୟରେ ଆମ ରାଜ୍ୟ ବିଭିନ୍ନ ପ୍ରକଳ୍ପ ପାଇଁ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଅଛା, ଉତ୍କର୍ଷ ଓଡିଶା ମାଧ୍ୟମରେ ଯାହା ଫଳରେ ୧୩ ଲକ୍ଷସ୍ତୁ ଅଧିକ ରୋଜଗାର ସୃଜନ ହେବ । ଉତ୍କର୍ଷ ଓଡିଶାର ମାତ୍ର ୧୧ ମାସ ମଧ୍ୟରେ ଆଜି ରାଜ୍ୟରେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇ ସାରିଛି ଏବଂ ଆଗାମୀ ଦିନରେ ଏଥିରୁ ବେଶ ଲକ୍ଷ ରୋଜଗାର ସୃଷ୍ଟି ହେବ ବୋଲି ସେ କହିଛନ୍ତି ।ସମ୍ପୂର୍ଣ୍ଣ ଓଡ଼ିଶାର ଉଦାହରଣ ଦେଇସେ କହିଥିଲେଯେ, ଏହାରନିଜସ୍ବ ପ୍ରମାଣ ହେଉଛି କେନ୍ଦୁଝର ଠାରେ ପ୍ରତିଷ୍ଠିତ ହେବାକୁ ଥିବା ମେଗାଷ୍ଟିଲ ପ୍ଲାଂଟ । ଏହାର ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ଚାଲିଛି । ଖୁବ୍ ଶୀଘ୍ର ଏହାର ଶିଳାନ୍ୟାସ ହେବ । ରାଉରକେଲା, ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତ ନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ । ସବୁ ଶିଳ୍ପ ଓ ଖଣି ଅଂଚଳକୁ ୬ ଆଇଆ ରାସ୍ତା କରିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛି । କେନ୍ଦୁଝରକୁ ପ୍ରାୟ ଅଧିକାଂଶ ରାସ୍ତା ୬ ଆଇଆ ବିଶିଷ୍ଟ କରାଯିବ ବଡ଼ବିଲରେ ଏକ ରିଙ୍ଗ ରୋଡ଼ କରାଯିବ । ରାଜ୍ୟରେ କେତେଗୁଡ଼ିଏ ଇକୋନୋମିକ୍ ଜୋନର ବିକାଶ କରାଯାଇଛି । ଏଥିରେ କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଂଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବାକି କେନ୍ଦୁଝର ଜିଲ୍ଲାରେ ଅନେକ ବିକାଶ ପ୍ରକଳ୍ପ ଜାରି ରହିଛି । ସେସୁଡ଼ିକ ଆପଣଙ୍କ ପାଇଁ ଖୁବ୍ ଶୀଘ୍ର ଲୋକାର୍ପଣ କରାଯିବ । ସୁନାର କେନ୍ଦୁଝର କେବଳ ଏକ କଥା ହୋଇ ରହିବ ନାହିଁ, ଏହା ସାରା ଓଡ଼ିଶା ପାଇଁ ହେବ ଏକ ବାସ୍ତବତା ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଜୀ ଦେଶର ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ସାଂସ୍କୃତିକ ରାଷ୍ଟ୍ରବାଦର ଏକ ନୂତନ ସ୍ୱରୂପ ସୃଷ୍ଟି ହୋଇଛି । ପୂର୍ବରୁ ଭାରତୀୟ ସଂସ୍କୃତି, ପରମ୍ପରାକୁ ସର୍ବସାଧାରଣରେ ଗର୍ବର ସହିତ ପରିପ୍ରକାଶ କରିବା ଏକ ପ୍ରକାର ଲୁକ୍ଷାଭାବ ସହିତ ଦେଖାଯାଉଥିଲା । କିନ୍ତୁ, ଆଜି ସମଗ୍ର ଦେଶବାସୀ ଗର୍ବର ସହିତ କହୁଛନ୍ତି, ଯେ ସେମାନେ ହେଉଛନ୍ତି, ଭାରତୀୟ ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ ।ସେ କହିଥିଲେ, ଆମ ପରମ୍ପରା, କଳା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନକୁ ସମୃଦ୍ଧ କରିବା ସହିତ ଏହାର ପ୍ରଚାର ପ୍ରସାର ପାଇଁ ମହୋତ୍ସବ ଏକ ପ୍ରଶଂସନୀୟ ଉଦ୍ୟମ । ପ୍ରତି ବର୍ଷ ଏହି ମହୋତ୍ସବ ମାଧ୍ୟମରେ ପୂର୍ବସୂରୀଙ୍କ ସ୍ମୃତିଚାରଣ ସହିତ ଆଗାମୀ ପିଢିଙ୍କୁ ସଂସ୍କୃତିମନସ୍କ ହେବା ପାଇଁ ପ୍ରୋତ୍ସାହନ ମଧ୍ୟ ମିଳେ । କେନ୍ଦୁଝର ସଂସ୍କୃତି ଓ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଂଚ ଭାବେ ସାବ୍ୟସ୍ତ ହୋଇଛି । ଲୋକଙ୍କ ସହିତ ମିଶିବାର ଏକ ପ୍ରକୃଷ୍ଟ ମାଧ୍ୟମ ଓ ଲୋକଙ୍କ ସହଶରେ କିଛି ମୂହୁର୍ତ ବିତେଇବା ପାଇଁ ଏହି ମଂଚ ସୁଯୋଗ ଦେଇଥାଏ । ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହେଉଛି 'ବିବିଧତା ଭିତରେ ଏକତା' ।ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଆମ ସରକାର ଆସିବା ଦିନରୁ ହିଁ ଓଡିଆ ଅସ୍ମିତାକୁ ପ୍ରଥମିକତା ଦେଇ ଆସିଛି । ସରକାରୀ କାର୍ଯ୍ୟ ସବୁ , ଲୋକେ ବୁଝୁଥିବା ଭାଷାରେ ହେବା ଉଚିତ୍ । ଓଡ଼ିଶାର ଅଧିକାଂଶ ଲୋକ କେବଳ ଓଡ଼ିଆ ଭାଷାକୁ ହିଁ ବୁଝନ୍ତି ଓ ସେଥିରେ କଥାବାର୍ତ୍ତା ହୁଅନ୍ତି । ତେଣୁ ବ୍ୟକ୍ତିଗତ ଓ ସାମୁହିକ ସମସ୍ତ ସୂଚନା ଓଡ଼ିଆ ଭାଷାରେ ହେବା ବିଧେୟ । ଆଜି ସଚିବାଳୟରେ ସମସ୍ତ କାର୍ଯ୍ୟ ଓଡିଆ ଭାଷାରେ ହେଉଛି ।ଯେତେବେଳେ ବି ଓଡିଆ ସଂସ୍କୃତି ଓ ପରମ୍ପରାର କଥା ଆଲୋଚନା ହେବ, ଆଦିବାସୀ ସଂସ୍କୃତି ଓ ପରମ୍ପରା ବିନା ତାହା ଅସମ୍ପୂର୍ଣ୍ଣ ହୋଇ ରହିବ । କାରଣ, ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର । ରାଜ୍ୟରେ ୬୨ ବର୍ଗର ଜନଜାତି ବସବାସ କରନ୍ତି । ସମସ୍ତଙ୍କର ନିଜର ପରମ୍ପରା ଅଛି, ଐତିହ୍ୟ ଅଛି, ଲୋକକଳା ଅଛି । ଏହି ସବୁ ଜନଜାତି ଲୋକକଳାରେ ଓଡିଶାର ସଂସ୍କୃତି ଉଦ୍ଭିମ୍ବ । ଆଜି ସେମାନଙ୍କ ନୃତ୍ୟ ଓ ସଙ୍ଗୀତର ମୂର୍ଚ୍ଛନାରେ ଲୋକେ ଝୁମିବେ ଏବଂ ଜୀବନର ସବୁ ଅବଶାଦ ଭୁଲି ନିଜ ସଂସ୍କୃତି ଓ ସଭ୍ୟତାକୁ ପୁନର୍ଗଠନ ଚରଣ କରିବେ । ଏହା ହିଁ ହେଉଛି, ଆଜିର କାର୍ଯ୍ୟକ୍ରମ ର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଶ୍ରୀ ଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଶ୍ରୀ ଅନନ୍ତ ଚରଣ ନାୟକ, ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, ବିଧାୟକ ଶ୍ରୀ ବିଜେସ ରାୟ, ଏସପି ଶ୍ରୀ ନୀତିନ କୁଶଳକର ଉପସ୍ଥିତ ଥିଲେ ।କେନ୍ଦୁଝର ସହରରର ପ୍ରବେଶ ଦ୍ୱାର ନେକେଡା ସର ଛକ, ଜାମୁନାଜିଆ ଠାରେ ଉନ୍ମୋଚନ ହେଲା । ମୁଁ ଆଜି ଏକଥା କହିବାକୁ ଗର୍ବ ବୋଧ କରୁଛି ଯେ, ଏ କେନ୍ଦୁଝଗିଆ କଥା ଦେଇ କଥା ରଖିଲା । ଏଇ ବର୍ଷ ମାର୍ଚ୍ଚ ୫ ତାରିଖରେ ମୁଁ ଏଇଠାରେ କଥା ଦେଇଥିଲି ଯେ କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ୍ୟ ଶୋଭା ପାଇବ । ଆଉ ତାହାହିଁ ହୋଇଛି ।ସେ କହିଥିଲେ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ । ବିପ୍ଳବୀ ଧରଣୀ ଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ବିପ୍ଳବୀ ଧରଣୀ ଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମନ୍ତବ୍ୟ କରିଛନ୍ତି । ଆଜି କେନ୍ଦୁଝର ସହରରର ପ୍ରବେଶ ଦ୍ୱାର ନେକଡାସରୋରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପୂର୍ଣ୍ଣବୟାବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରାରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ, ଆଜି ଆମ ପାଇଁ ଗର୍ବର ଦିନ କାରଣ ଆଜି କେନ୍ଦୁଝରକୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହେଲା । ଏଇ କେନ୍ଦୁଝର ମାଟିର ବରପୁତ୍ର ଧରଣୀଧର ନାୟକଙ୍କ ପ୍ରତିମୂର୍ତ୍ତି ଆଜି କେନ୍ଦୁଝର ସହରର ମୁଖ୍ୟ ପ୍ରବେଶ ପଥ ନେକେଡ଼ା ସର ଛକ, ଜାମୁନାଜିଆ ଠାରେ ଉନ୍ମୋଚନ ହେଲା । ମୁଁ ଆଜି ଏକଥା କହିବାକୁ ଗର୍ବ ବୋଧ କରୁଛି ଯେ, ଏ କେନ୍ଦୁଝଗିଆ କଥା ଦେଇ କଥା ରଖିଲା । ଏଇ ବର୍ଷ ମାର୍ଚ୍ଚ ୫ ତାରିଖରେ ମୁଁ ଏଇଠାରେ କଥା ଦେଇଥିଲି ଯେ କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ୍ୟ ଶୋଭା ପାଇବ । ଆଉ ତାହାହିଁ ହୋଇଛି । ସେ କହିଥିଲେ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ । ଯେଉଁ ଲଢୁଆ ପୁଅର ପରିଚୟ ବେଶ ସେ ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ କରିଥିଲେ, ସେ ଲଢୁଆ ପୁଅର ଶକ୍ତି ଆଜି ହିଁ ଆମ ସମସ୍ତଙ୍କୁ ପ୍ରେରଣା ଦେବ ବୋଲିଛି । ଏ ମାଟି କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢ଼େଇ କରିବା ବି ଜାଣିଛି ।କେନ୍ଦୁଝରରେ ନୀରିହ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଥିଲା, ତା ବିରୋଧରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ 'ଧରଣୀ ମେଳି' । ଧରଣୀଧର ଥିଲେ ଭୂୟାଁ ସମ୍ପ୍ରଦାୟର ଆଦିବାସୀ । ସ୍ୱଭାବରେ ସମସ୍ତେ ଶାନ୍ତିପ୍ରିୟ । କିନ୍ତୁ, ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବା ସେମାନେ ଶିଖିନାହାନ୍ତି । ଧରଣୀଧର ଥିଲେ ସେହି ଅତ୍ୟାଚାର-ବିରୋଧୀ ଶକ୍ତିର ମାନବୀୟ ରୂପ । ମଣିଷ ଜୀବନ ଖୁବ କଷ୍ଟରେ ମିଳେ ବୋଲିକୁହାଯାଏ । ସେ ଜୀବନକୁସାର୍ଥକ କରିବାର ଅଛି । ଅଧିକ ଦିନ ବଂଚିବା ଅପେକ୍ଷା, ଜୀବନରେ ଆପଣ କେତେ ମହତ୍ପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେ ଜୌଣସି ମାର୍ଗରେ ରହି ଦେଶର ସ୍ୱାଧୀନତା, ଅଖଣ୍ଡତା ଓ ବିକାଶ ପାଇଁ ଅବଦାନ ରଖିହେବ । ଧରଣୀଧରଙ୍କ ଜୀବନୀ ହିଁ ଆମକୁ ସେହି ଶିକ୍ଷା ପ୍ରଦାନ କରେ । ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ ବୋଲଇ ସେ କହିଥିଲେ ।

ବ୍ଲକ ଗଠନ ନେଇ ସାଂସଦଙ୍କୁ ଦାବିପତ୍ର

ଉତ୍କଳ,୨୮/୧୨(ନି/ପ୍ର):ଉତ୍କଳ ଜିଲ୍ଲା ଉତ୍କଳ କେଶରୀ ଡ.ହରକୃଷ୍ଣ ମହତାବଙ୍କ ଜନ୍ମମାଟି ଆଗରପଡାକୁ ବ୍ଲକର ମାନ୍ୟତା ଦାବି ନେଇ ଆଜି ଉତ୍କଳ ସାଂସଦଙ୍କ ସମେତ ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଗରପଡା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ସଭାପତି କୈଳାସ ଚନ୍ଦ୍ର ଧଳ, ସମ୍ପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ଦାସ,ସହ-ସମ୍ପାଦକ ଗୋଲକ ଚନ୍ଦ୍ର ପୃଷ୍ଟି, ସନାତନ ନାୟକ, ସୁରେନ୍ଦ୍ରନାଥ ବିଶ୍ୱାଣୀ, ସୁବାଷ ଦାଶ, ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହ ପ୍ରମୁଖ ଉତ୍କଳ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ଉତ୍କଳ ସ୍ଥିତ ବାସଭବନରେ ସାକ୍ଷାତ କରି ଆଗରପଡାକୁ ବ୍ଲକର ମାନ୍ୟତା ପାଇଁ ଦାବିପତ୍ର ଦେଇ ଜନସଂଖ୍ୟା, ଭୌଗଳିକ ଅବସ୍ଥିତି ଆଦି ଉପରେ ଆଲୋଚନା କରିଥିଲେ । ଆଗରପଡା ଆଖ ପାଖର ବି.ଟିପୁର, ପୁରୁଷଣ୍ଡ, ମହାଙ୍ଗିପଡା, ବଡମଝିଷଗୋଠ, ଗୋପିନାଥପୁର, ଚାରିଗାଁ, କାବଦରାଙ୍ଗ, ବଡ ବର୍ଚ୍ଚିକାଗାଁ, ଓଡଙ୍ଗ, ଆଡିଆ, ଅଣିଡୋ ଆଦି ୧୧ ଗୋଟି କେନ୍ଦ୍ର ସ୍ଥଳରେ ଅବସ୍ଥିତ ଆସପଡା ଅ ଳଟି ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଅଟେ । ସରକାରୀ କାର୍ଯ୍ୟାଳୟ, ଆବଶ୍ୟକୀୟ ଜିତିଭୂମି ଏବଂ ଗମନାଗମନର ସୁବିଧା ଦୃଷ୍ଟି ଭୋଣରୁ ବ୍ଲକର ମାନ୍ୟତା ପାଇଁ ସଂପୃକ୍ତ ଅଂଚଳଟି ହକଦାର ଅଟେ ବୋଲି ଦାବି ଉପସ୍ଥାପନ କରାଯାଇଥିଲା । ସାଂସଦ ତାକୁ ସହୃଦୟତାର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବେ ବୋଲି କହିଥିଲେ । ପରେ ଏହି ପ୍ରତିନିଧି ଦଳ ଭଞ୍ଜାରିପୋଷରୀ ବିଧାୟକ ସଞ୍ଜିତ କୁମାର ମଲ୍ଲିକ୍, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଲ୍ଲିକଙ୍କୁ ସାକ୍ଷାତ କରି ଉତ୍କଳ ଜିଲ୍ଲା ପ୍ରଶାସନ ମାଧ୍ୟମରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

କଲ୍ୟାଣୀ ବିଦ୍ୟାପୀଠର ୧୯୯୦ ମସିହାର ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଘଟଗାଁ,୨୮/୧୨(ନି/ପ୍ର): କରିବା ସହିତ ସେମାନଙ୍କର ଭଲପାଇବା ଶିକ୍ଷା ଓ ଆଦର୍ଶକୁ ମନେପକାଇ ଥିଲେ । ନିଜ ନିଜ କର୍ମ କ୍ଷେତ୍ରରେ ବ୍ୟସ୍ତ ରହି ଏଭଳି ସମାବେଶରେ ଯୋଗଦାନ କରି ଖୁସି ସୃଷ୍ଟି ସହ ନିଜ ବନ୍ଧୁମାନଙ୍କ ଭିତରେ ସଂପର୍କ ଆହୁରି ସୁଦୃଢ ହୋଇପାରିବ ବୋଲି ସମସ୍ତ ଛାତ୍ର ମତ ରଖିଥିଲେ । ଶେଷରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ମଧ୍ୟରେ ସ୍କୁଲ ଜୀବନ ସ୍ମୃତି ଆଦାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର ରାଉତ, ସନ୍ତୋଷ ବିଶ୍ୱାଳ, ମନୋଜ ଚନ୍ଦ୍ର, ଅତିଶ୍ ଜେନା, ତ୍ରଜକିଶୋର ରାଉତ, ରଜତ ଜେନା, ଅବଦୁଲ ହନିଫ୍, ବୈଜୟନ୍ତୀ ଜେନା, ଆର୍ତ ନାୟକ କରିଥା ନାୟକ, ଦେବସ୍ମିତା ପାତ୍ରଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

ବିପ୍ଳବୀ ଧରଣୀ ଧରଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ ମୁଖ୍ୟମନ୍ତ୍ରୀ

ଧରଣୀଧର ଆମ ପାଇଁ ପ୍ରେରଣା : ମୁଖ୍ୟମନ୍ତ୍ରୀ

କେନ୍ଦୁଝରରେ ଅନୁଷ୍ଠିତ ହେଲା ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

କେନ୍ଦୁଝର,୨୮/୧୨(ନି/ପ୍ର): ଛାତ୍ରଛାତ୍ରୀମାନେ ବୈଜ୍ଞାନିକ ଚିନ୍ତାଧାରା ନେଇ ସବୁ ଜିନିଷର ଅନୁସନ୍ଧାନ କରିବା ଉଚିତ । ବର୍ତମାନର ଛାତ୍ରଛାତ୍ରୀ ଆଗାମୀ ଦିନରେ ବଡ ବୈଜ୍ଞାନିକ ହୋଇ ନୂଆ ନୂଆ ଟେକ୍ନୋଲୋଜିର ଉଦ୍‌ଭାବନ କରିବା ସହିତ ଦେଶକୁ ଆତ୍ମନିର୍ଭର ହେବାରେ ନିଜର ଯୋଗଦାନ ରଖୁ ଉଚିତ ବୋଲି ଆଜି ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମନ୍ତବ୍ୟରେ କହିଛନ୍ତି । ଏହ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଗୋଟିଏ ସଭ୍ୟତାର ବିକାଶ ପଛରେ ସବୁଠାରୁ ବଡ ଭୂମିକା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ରହିଛି । କଳା ଓ ସଂସ୍କୃତି ସାମାଜିକ ପରମ୍ପରାରେ ମହତ୍ତ ସୃଷ୍ଟି କରିଥାଏ । କିନ୍ତୁ, ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମୂଳଭିତ୍ତି ହେଉଛି ବିଜ୍ଞାନ । ଢେଙ୍କି ପ୍ରାଚୀନ କାଳରୁ ଆମ ଦେଶର ଋଷି, ମୁନୀ ଓ ପଣ୍ଡିତମାନେ ବିଭିନ୍ନ ବୈଜ୍ଞାନିକ ସୂତ୍ରକୁ ସୃଷ୍ଟି କରିଥିଲେ । ଆମର ବର୍ତ୍ତମାନର ଅନେକ ଅଂଶରେ ସମ୍ପୂର୍ଣ୍ଣ ବୈଜ୍ଞାନିକ ଚିନ୍ତାଧାରା ପ୍ରତିଫଳିତ ହୋଇଛି । ଆଚାର୍ଯ୍ୟ କଣାଦ ବୈଶେଷିକ ସୂତ୍ରରେ ଅଣୁ ଓ ପରମାଣୁ ସମ୍ପର୍କରେ ବର୍ଣ୍ଣନା ରହିଛି । ଆମ ଓଡିଶାର ମହାନ୍ ଜ୍ୟୋତିର୍ବିତ୍ ପାଟଣି ସାମନ୍ତ ମାତ୍ର ଦୁଇ ଖଣ୍ଡ ବାଉଁଶ ନଳୀରୁ ପୃଥିବୀରୁ ଚନ୍ଦ୍ର ପର୍ଯ୍ୟନ୍ତ ଦୂରତାକୁ ସଠିକ୍ ମାପି ପାରିଥିଲେ ବୋଲି ସେ କହଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେଯେ ଭାରତରେ ରହିଛି ଜ୍ଞାନର ଏକ ସଂସ୍କୃତି । ସେଥିରେ ଆତ୍ମା ଓ ପରମାତ୍ମା ଭଳି ଦାର୍ଶନିକ ତତ୍ତ୍ୱର ଗବେଷଣା ଓ ଚର୍ଚ୍ଚା କରାଯାଉଥିବା ବେଳେ, ସାମାଜିକ ପ୍ରଗତି ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରୟୋଗ ଭିତିକ ବିଜ୍ଞାନ ବା ଟେକ୍ନୋଲୋଜିର ବିକାଶରେ ମଧ୍ୟ ଉଦ୍ୟମ କରାଯାଇଛି । ଆମର ଏହି ଜ୍ଞାନର ସଂସ୍କୃତିକୁ ଜନକଲ୍ୟାଣରେ ଲଗାଇବା ପାଇଁ ତୁମ ଭଳି ମେଧାବୀ ପିଲା ଓ ଯୁବକ ମାନେ ଅଧିକ ଗବେଷଣା କରିବା ଆବଶ୍ୟକ । ଆଜିକାଲି ଛାତ୍ରଅଛାତ୍ରୀଙ୍କ ଶିକ୍ଷା ପାଇଁ ବହୁତ୍ ପ୍ରକାର ସାଧନ ଅଛି । ପାଠ୍ୟ ପୁସ୍ତକ ବ୍ୟତୀତ ଡିଜିଟାଲ ଲାଇବ୍ରେରୀ ଏବଂ ବିଭିନ୍ନ ଅନ୍‌ଲାଇନ୍ ମାଧ୍ୟମରେ ଅନେକ ନୂଆ ନୂଆ ତଥ୍ୟ ଓ ଜ୍ଞାନ ଉପଲବ୍ଧ ଅଛି । ଏହାକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ଅଧିକ ଗବେଷଣା କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଦେ

ବିବିଧ୍ୟା

ବିଦାୟ ନେଉଛି ବର୍ଷ ୨୦୨୫। ଆଉ ମାତ୍ର କିଛି ମୁହୂର୍ତ୍ତର ଅପେକ୍ଷା। ୨୦୨୫ ବର୍ଷ ଥିଲା ବହୁ ଅପରାଧ ବହୁଳ ଘଟଣାବଳୀର ବର୍ଷ। ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଯାଇଥିଲା ବହୁ ଅଭାବନୀୟ ଘଟଣା। ଗଣହୁଷ୍କର୍ମ ଠାରୁ ଆରମ୍ଭ କରି ଶ୍ରୀମନ୍ଦିର ରଥଯାତ୍ରାରେ ଦଳାଚକଟା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ସେହି ଘଟଣାବହୁଳ ଘଟଣାବଳୀର କିଞ୍ଚିତ ଝଲକ ଉପରେ ଆମର ଉପସ୍ଥାପନା...



ବାଲେଶ୍ୱରରୁ ଚାନ୍ଦବାଲି

୨୦୨୫ରେ ନାଗା ଦିଗୋଧା ହିଂସା ସୀମା ଅତିକ୍ରମ କରିଯାଇଥିଲା। ନ୍ୟାୟ ପାଇଁ ଜେଡେକ ଯାତିକା ଆନ୍ଦୋଳନର ପ୍ରତୀକକୁ ଆଦାଦାରି ନେଇଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ମଙ୍ଗଳ ମେଘନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ନ୍ୟାୟ ନ୍ୟାୟ ଶେଷରେ ଜଳେଜ ମରିଗଲାରେ ନିଜେ ନିଜକୁ ଲାଜି ଦେଇଥିଲେ। ପ୍ରତିବାଦର ନିଆଁ ବାଲେଶ୍ୱରରୁ ଭୁବନେଶ୍ୱର ଯାଏ ଜଳିଉଠିଥିଲା। ଦଫେ ଜାଲ ଭୁଆଳକୁଣ୍ଡ ହାଡକୁ ଗଲା। ଏହି ଆନ୍ଦୋଳନରେ ମୁଖ୍ୟ ଅଭିଯୁକ୍ତ ବିଭାଗୀୟ ମୁଖ୍ୟ ସାବୁ, ଜଳେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ସହ ଦୁଇ ଛାତ୍ରଙ୍କୁ ଜରାଗଲା। ଏହି ଘଟଣାର ପରେ ପରେ ପୁରୀ ଦିଲ୍ଲୀ ବଦଙ୍ଗାରେ ଜଣେ ଯାତିକା ଜହିଯିବା ଘଟଣା ମୁଖି ଥରେ ସାରା ରାଜ୍ୟରେ ନିଆଁ ଲଗାଇଦେଇଥିଲା। ବର୍ଷ ଶେଷ ହେବାକୁ ଚାନ୍ଦବାଲି ନାବାଜିକା ଦୁଷ୍କର୍ମ ଓ ହତ୍ୟା, ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ, ଧାଉଁଳି ପାଖ କୁଆଖାଇ ନଦୀ ପଠା ଗଣଦୁଷ୍କର୍ମ, ପୁରୀ ବାଲିହରିଚଣ୍ଡୀ ଦୁଷ୍କର୍ମ ଘଟଣା ଏବଂ ଆହୁରି କେତେକ ଘଟଣା ଥିଲା।

ପୀତବାସ ହତ୍ୟାକାଣ୍ଡ



ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଭୁବନେଶ୍ୱରର ପ୍ରସିଦ୍ଧ ଆନନ୍ଦବଜାର ପାଟବାସ ପଣ୍ଡାଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା କରାଗଲା। ସେଦିନସୁଦ୍ଧା ନରେନ ଶବ୍ଦରେ ଗଳା ଠାରୁ ମାତ୍ର ୫୫ହେ ମିଟର ଦୂରରେ ବୁଢାଜଳି ସାର୍ବଜୁଡ଼ର ବାଲକନ୍ରେ ଆସି ଗୁଳି କଲେ। ଏହି ହତ୍ୟାକାଣ୍ଡ ସାରା ରାଜ୍ୟରେ ଲାଜିକୁ ଦୋହଲାଇ ଦେଇଥିଲା। ଏହି ଘଟଣାରେ ପୋଲିସ ପୂର୍ବତନ ବିଧାୟକ ବିଜୟ ପଣ୍ଡା, ପୂର୍ବତନ ଗୃହପତି ଶିବଶଙ୍କର ଦାସଙ୍କ ସମେତ ୧୨ ଜଣଙ୍କୁ ଗିରଫ କରି ଜେଲ ଚାଲାଣ କରିଛି। ସେମାନେ ଏବେ ଜେଲର ଜାଲିକାରୁ ମଧ୍ୟରେ। ଏହି ହାଇ ପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଜ୍ୟ ରାଜନୀତି ଦେଖି ସରଗରମ ହୋଇଉଠିଥିଲା।

ଅଫିସରଙ୍କୁ ମାଡ଼

ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଫିସ୍ ଭିତରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ଜଳ ଅଭିଯୋଗ ଶୁଣାଣି ବାଲିଯୁକ୍ତ ହେବାରୁ ପ୍ରତିକାର ଦିଗରେ ୫ ଜଣ ଯୁବକ ପ୍ରବେଶ କରିକରି ସହ କଥାକଟାକୁ ତାଙ୍କ ବେପାରକୁ ଘୋଷାଡି ଆଣି ଚିଲ୍ଲୁଣ ମୋଟରା ମାଡ଼ କରିଥିଲେ। ଜୁନ୍ ୩୦ ତାରିଖର ଏହି ଘଟଣା ବିଳମ୍ବରେ ପ୍ରକାଶିତ ହେବା ପରେ ବିଭିନ୍ନ ମହଲରେ ଚଞ୍ଚଳତା ପ୍ରକାଶ ପାଇଥିଲା। ଏହି ଘଟଣାରେ ବିଜେଡି କର୍ପୋରେଟର ଜାହନ ଗାଇତ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନାମ ଉଠିଲା। ପ୍ରଥମେ କର୍ପୋରେଟର ଓ ତାଙ୍କର ୪ ସହଯୋଗୀଙ୍କୁ ଗିରଫ କରାଗଲା। ପରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ମଧ୍ୟ ଗିରଫ ହୋଇଥିଲେ।

ପତିଆରା ଲଢ଼େଇ

ବିତିବର୍ଷ ନିମାରି ଧାର୍ମିକାରା ନିର୍ବାଚନ ମାଧ୍ୟମ ରାଜନୀତି ବେଶ୍ ସରଗରମ ରହିଥିଲା। ରାଜନୈତିକ ହିଂସା, ଗୋଷ୍ଠୀ ବିବାଦ ଲାଗି ରହିଥିଲା। ପୂର୍ବ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଏବେର ବିଧାୟକ ହିମାଂଶୁ ସାହୁଙ୍କ ଭିତରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ନିର୍ବାଚନରେ ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ଜିନ୍ଦୁ ଓ ତାଙ୍କ ସମର୍ଥକମାନଙ୍କୁ ଆକ୍ରମଣ କରାଯାଇଥିଲା। ଏହାକୁ ନେଇ ରାଜନୀତି ଚେତିକାରେ ଲାଗିଥିଲା।

ଜଳିଲା ମାଲକାନଗିରି

ବିତିତ ବର୍ଷ ମାଲକାନଗିରିରେ ଉତ୍ପତ୍ତିଥିବା ଭୟାନକ ଘଟଣା। ଜଣେ ମହିଳାଙ୍କ ମୃତ୍ୟୁବିହାନ ମୃତଦେହ ମିଳିବା ଘଟଣାକୁ ନେଇ ଦୋଷୀଙ୍କୁ ଦୃଢ଼ଦଣ୍ଡ ଦାବୀରେ ରାଖାଇଲୁଗୁ ଓ ଏମ୍ବାଡି-୨୬ ଗ୍ରାମ ମଧ୍ୟରେ ସଂଘର୍ଷ ତୀବ୍ର ରୂପ ନେଇଥିଲା। ଶତାଧିକ ଘରଡ଼ି,ଘର ଜଳିଯିବା। ସ୍ଥିତି ନିୟନ୍ତ୍ରଣ ପାଇଁ ୨୩ ପ୍ଲାଟୁନ୍ ଫୋର୍ସ ମୁତୟନ ହେଲେ। ବିଏନ୍ଏସ୍‌ର ଧାରା ୧୬୩ ଲାଗୁ ସହ ଇଣ୍ଟରନେଟ ସେବାକୁ ବନ୍ଦ ରଖାଗଲା। ଘାଟକାଳଙ୍କ ଅପହରଣ ଉଦ୍ୟମୀ ଯୋଗୁଁ ୧୫ ଦିନ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ପୁରୀ ଦଳାଚକଟା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଅଘଟଣ। ଶ୍ରୀରଥାରୁଢ଼ିରେ ଦଳାଚକଟା। ଚାରିଘରା ୩ଟି ଅମୂଲ୍ୟ ଜୀବନ। ଅନେକ ଆହତ ମଧ୍ୟ ହେଲେ। ତିନି ଠାକୁରଙ୍କ ରଥ ଶ୍ରୀରଥାରୁଢ଼ିରେ ଥିବାବେଳେ ଲାଗି ରମାମ ଦଣ୍ଡାଣରେ ପ୍ରବଳ ଗହଳି ଲାଗି ରହିଥିଲା। ପୁଷ୍ପିଚା ମନ୍ଦିର ସମ୍ମୁଖରେ ଥିବା ଫଥର ପଥର ନଥ ଥିବା ସମୟରେ ଲୋକ ସମୟରେ ଏକକାଳୀନ ଶୋଷିଥିଲା। ଏଥେଣୁ ଦର୍ଶନ ପାଇଁ ପ୍ରବଳ ଠେଲାଠେଲା ହେଲା। ସ୍ଥିତି ଏପରି ହେଲା ଯେ, ପୋଲିସ ନାଜେହାଲ ହୋଇଯିଥିଲା। ଏହି ଅଘଟଣକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଓ ସରକାର ଜଜ୍ଜନ ଜମିଶନଙ୍କ ଅଧ୍ୟକ୍ଷତାରେ ନବମ ଜମିଟି ଗଠନ ପାଇଁ ଚାହାଁ ହୋଇଥିଲେ।

ଏନ୍‌କାଉଣ୍ଟରର ବର୍ଷ

୨୦୨୫ ବର୍ଷରେ ଅପରାଧର ମାତ୍ରା ବୃଦ୍ଧି ପାଇବା ପରେ ରାଜ୍ୟ ସରକାର ପୋଲିସକୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ। ରେକର୍ଡ ଥିବା ଅପରାଧୀଙ୍କୁ ଟାର୍ଗେଟ କରାଯାଇ ରାଜ୍ୟର ବିଭିନ୍ନ ସହରରେ ପୋଲିସ ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର, କଟକ ଓ ରୁରକେଲ୍ଲା ସମେତ ବିଭିନ୍ନ ସ୍ଥାନରେ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ସରକାର ଆଶାକରୁଛନ୍ତି ଯେ, ଏନ୍‌କାଉଣ୍ଟର କରାଗଲେ ଏହା ଅଟକା ଅପରାଧୀଙ୍କ ଯଥେଷ୍ଟ ପ୍ରଭାବ ପକାଇବ ଓ ଅପରାଧର ମାତ୍ରା ହ୍ରାସ ପାଇବ। ତେବେ ୨୦୨୫ରେ ଏହା କେତେ ସମ୍ଭବ ହୋଇଛି ତାହା ସମୟ କହିବ।

ନିଯୁକ୍ତି ମହାଦୁର୍ନୀତି

ପୋଲିସ୍ ଏଫଆଇ ନିଯୁକ୍ତିରେ ମହାଘୋଟାଳା। ବହୁତେ ପ୍ରାର୍ଥୀ ବିଶାଖାପାଟଣା ସିବାବେଳେ ଧରିଲା ପୋଲିସ୍। ଏକାଥରେ ୧୧୪ ଜଣ ପରୀକ୍ଷାର୍ଥୀ ଗିରଫ ହେଲେ। ଯେଉଁଥିରୁ ୩୪ ମହାଦୁର୍ନୀତି ଯେଉଁ ଖେଳିବାରେ ଲାଗିଲା। ତବେ ଯେତେ ଅଯୋଗ୍ୟ, ଯୁଗାଡ ଫେଲ ଦିଆଯାଇଛି। ଦିଆଅଗ ତବକ ଗାଡ଼ିକୁ ଜେଲ ଚାଲାଣ ପରେ ଜଣଙ୍କୁ ବାହାରରେ ଲାଗିଛି। ଏପର୍ଯ୍ୟନ୍ତ ୧୨୮ ଜୁ ଅଧିକ ଏହି ଘଟଣାରେ ଗିରଫ ହୋଇସାରିଛନ୍ତି।

କର୍ଫ୍ୟୁ

ରାଉରକେଲାର ସହର ଜଡ଼ବଜର ଦେଖିବାବେଳେ ଜଡ଼ଜଡ଼ ହୋଇଲେ ଅଫିସାରମାନେ। ଦଶହରା ଜରୁରି ସମୟରେ ବରଗା ବଜାରରେ ଦେଖାଯାଇଥିଲା ପ୍ରବଳ ଗହଳେମା। ହେଲା ପଥର ମାଳ ସହ ଜିଆଁ ଜଳିଲା। ସାଂପ୍ରଦାୟିକ ହିଂସର ପ୍ରକାଶ ପ୍ରକାଶ ହେଲା। ବୁଲ ସଂପ୍ରଦାୟ ମଧ୍ୟରେ ବଢ଼ିଲା ଉତ୍ତେଜନା। ୪୨ ଘଣ୍ଟା ବନ୍ଦ ହେଲା ଇଣ୍ଟରନେଟ ସେବା। ଦୋକାନ ବଜାର, ସ୍କୁଲ, କଲେଜ ଅଫିସ ସବୁ ବନ୍ଦ ହୋଇଗଲା। ପ୍ରଶାସନ ପକ୍ଷରୁ ୩୬ ଦଫାଏ କର୍ଫ୍ୟୁ ଜାରୁ କରାଯାଇଲା। ଶେଷକୁ ଦାଉଁ ବିଚାର ବିମର୍ଶ ପରେ ଶାନ୍ତି ଫେରିବା ସମ୍ଭବ ହୋଇପାରିଲା।

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨୯ ଡିସେମ୍ବର ୨୦୨୫

ସବୁଜ ବିକାଶ

ପ୍ରଗତି ବା ବିକାଶ ଓ ପରିବେଶ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବରାବର ରହିଆସିଛି । ଶିଳ୍ପାୟନ, ପରିବହନ, ଗମନାଗମନ, ଯୋଗାଯୋଗ, ଭିତ୍ତିଭୂମିର ବିକାଶ ଏବଂ ପାରମ୍ପରିକ ଜୀବନଶୈଳୀରେ ଦ୍ରୁତ ପରିବର୍ତ୍ତନ ବିକାଶର ଗୋଟିଏ ଗୋଟିଏ ମାପଛାଡି । ବିକାଶ ଏକ ନିରନ୍ତର ପ୍ରକ୍ରିୟା । କଥିତ ଅଛି, ସଭ୍ୟତାର ସୃଷ୍ଟି ଓ ବିକାଶ ଗୋଟିଏ ସମୟରୁ ହିଁ ଆରମ୍ଭ ହୋଇଛି । ବଣ, ଜଙ୍ଗଲରୁ ଫଳମୂଳ, ସଂଗ୍ରହ କରି ଓ ଜଳଚାଂସ ଭକ୍ଷଣ କରି ଜୀବନଧାରଣ କରୁଥିବା ଆଦିମାନବ ପାଇଁ ନିଆଁ ହିଁ ଥିଲା ପ୍ରଥମ ବୈଜ୍ଞାନିକ ଆବିଷ୍କାର । ନିଆଁ ବା ଅଗ୍ନି ବ୍ୟବହାର କରିବାର କଳାକୌଶଳ ଆୟତ୍ତ କରିବା ସହ ବିକାଶର ଅଙ୍କୁରୋଦଗମ ହୋଇଥିଲା । ଏବେବି ବିକାଶ ପ୍ରକ୍ରିୟା ଜାରି ରହିଛି । କିନ୍ତୁ ବିଗତ କିଛି ଦଶନ୍ଧି ଧରି ଲକ୍ଷ୍ୟ କରାଯାଉଛି ଜ୍ରମାଗତ ଭାବେ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କର ପରିବର୍ତ୍ତିତ ଜୀବନଶୈଳୀ, ପୃଥିବୀରେ ଉପଲବ୍ଧ ପ୍ରାକୃତିକ ସମ୍ବଳ ଓ ତାର ପରିବେଶ ଉପରେ ଗଭୀର ଚାପ ସୃଷ୍ଟି କରୁଛି । ଏହା ପଛର ମୂଳ କାରଣ ହେଲା ଶକ୍ତି । ଶକ୍ତି ହିଁ ବିକାଶର ଚାବିକାଠି । ବିକାଶର ଅଭିବୃଦ୍ଧି ସହିତ ଚାହଦେଇ ଜ୍ରମାଗତ ଭାବେ ବୃଦ୍ଧିପାଇଛି ଶକ୍ତିର ଆବଶ୍ୟକତା । ଶକ୍ତି ଏକ ମୌଳିକ ଉପାଦାନ ଏବଂ ସମସ୍ତ ପ୍ରକାର ଉତ୍ପାଦନ ପ୍ରକ୍ରିୟାର ପ୍ରାଥମିକ ଉପଚାର । ସାର୍ବଜନୀନ ଭାବେ ଏକଥା ସ୍ୱୀକୃତ ହୋଇସାରିଛି ଯେ, ଶକ୍ତିର ସୁବିନିଯୋଗ ଫଳରେ ବିଶ୍ୱ ଦେଶ ତଥା ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ନିରନ୍ତର ମାନବ ସମ୍ବଳ ବିକାଶ ସମ୍ଭବ ହୋଇପାରିବ । ମନୁଷ୍ୟର ମସ୍ତିଷ୍କରେ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନର ଯେଉଁ ଅଭିବୃଦ୍ଧି ଘଟିଲା ତାର ପରିପ୍ରକାଶ ହେଲା ବିକାଶର ପ୍ରଥମ ସୋପାନ କୃଷି ବିପ୍ଳବ । ଦ୍ୱିତୀୟ ସୋପାନ ଶିଳ୍ପବିପ୍ଳବ । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶିଳ୍ପବିପ୍ଳବ ପରବର୍ତ୍ତୀ ପର୍ଯ୍ୟାୟରେ ଜୀବାଶ୍ମ ଇନ୍ଧନର ବ୍ୟବହାର କ୍ରମଶଃ ବଢ଼ିଚାଲିଲା । ବିଗତ ୨୦୧୩ ମସିହା ପରଠାରୁ ଆମେ ଦେଖିଆସୁଛେ ପ୍ରାଥମିକ ଶକ୍ତି ବ୍ୟବହାରରେ ଭାରତର ସ୍ଥାନ ବିଶ୍ୱରେ ତୃତୀୟ । ବର୍ଦ୍ଧିତ ଜନସଂଖ୍ୟା, ଦ୍ରୁତ ଶିଳ୍ପାୟନ ଏବଂ ବ୍ୟାପକ ଭିତ୍ତିଭୂମି ବିକାଶ ଏହାର ପ୍ରମୁଖ କାରଣ । ବର୍ତ୍ତମୁ ଆମ ଦେଶରେ ପ୍ରାୟ ୧୩୦,୦୦୦ ମେଗାୱାଟ ଶକ୍ତି ବିଭିନ୍ନ ସୂତ୍ରରୁ ଉତ୍ପାଦିତ ହୋଇଥାଏ । ତନ୍ମଧ୍ୟରୁ ଶତକଡ଼ା ୭୩ ଭାଗ କେବଳ ଜୀବାଶ୍ମ ଇନ୍ଧନରୁ ମିଳିଥାଏ । କୋଇଲାରୁ ୪୨ଭାଗ ତାପଜ ଶକ୍ତି, ପେଟ୍ରୋଲ, ଡିଜେଲ ଆଦି ଇନ୍ଧନରୁ ୨୪ଭାଗ ଏବଂ ପ୍ରାକୃତିକ ବାଷ୍ପରୁ ମିଳୁଥିବା ୭ଭାଗ ଶକ୍ତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏହି ଶକ୍ତିର ସିଂହଭାଗ ପରିବହନ ଓ ଶିଳ୍ପାୟନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ଉଭୟ ପରିବହନ ତଥା ଗମନାଗମନ ଓ ଶିଳ୍ପାୟନ ପ୍ରଗତିର ପ୍ରତୀକ । କିନ୍ତୁ ଏହି ଦୁଇ କ୍ଷେତ୍ରରୁ ବାୟୁମଣ୍ଡଳକୁ ସବୁଜ କୋଠରି ବାଷ୍ପର ଉତ୍ସର୍ଜନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସବୁଜ କୋଠରି ବାଷ୍ପର ମୁଖ୍ୟ ଖଳନାୟକ ହେଉଛି ଅଙ୍ଗାରକାମ୍ଳ ବାଷ୍ପ, ଯାହାର ୮୦ଭାଗ ଜୀବାଶ୍ମ ଦହନରୁ ଏବଂ ଅବଶିଷ୍ଟ ୨୦ଭାଗ ଜଙ୍ଗଲ ଅବକ୍ଷୟରୁ ଆସିଥାଏ । କୃଷି, ଶିଳ୍ପ ଏବଂ ପରିବହନରୁ ଆଧାର କରି ମନୁଷ୍ୟ ଜାତି ଯେବେ ବିକାଶର ପାହାଚ ଚଢ଼ିବାକୁ ଆରମ୍ଭ କଲା, ତା'ର ପ୍ରତିଟି ପଦକ୍ଷେପ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣକୁ ଅସନ୍ତୁଳିତ କଲା । ପରିବେଶର ଦ୍ରୁତ ଅବନତି ଘଟିଲା, ଅସ୍ଥିରତା ସୃଷ୍ଟିହେଲା । ଏହି ପୃଷ୍ଠଭୂମିରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବ- ପରିବେଶର ସୁରକ୍ଷା ବା ସବୁଜକ କ'ଣ ପରିବେଶର ସ୍ଥାୟିତ୍ୱ । ଉତ୍ତର ଯଦି ହଁ ହୁଏ, ତେବେ ପରିବେଶ ଓ ବିକାଶ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେବା ସ୍ୱାଭାବିକ । କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ନା ଆମେ ବିକାଶକୁ ଛାଡ଼ିପାରିବା, ନା ପରିବେଶକୁ ଜଳାଞ୍ଜଳି ଦେଇପାରିବା । ପରିବେଶ ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇ ପାଖୁଡ଼ି । ଉଭୟ ପରସ୍ପରକୁ ବିରୋଧାଭାସ ନକରି ବରଂ ପରିପୂରକ ହେବା ଆବଶ୍ୟକ । ସୁପରିଚାଳନା ଓ ସୁସମନ୍ୱୟ ଫଳରେ ପରିବେଶର ସୁରକ୍ଷା ତଥା ସଂରକ୍ଷଣ ସାଙ୍ଗକୁ ସହନୀୟ ବା ନିରନ୍ତର ପ୍ରଗତି ହାସଲ ହୋଇପାରିଲେ ସେକୌଣିଶି ବେଶ ବା ରାଜ୍ୟର ପୂର୍ଣ୍ଣାଙ୍ଗ ବିକାଶ ଘଟିପାରିବ । ବିକାଶ ହେଉ, ବିକାଶ ହେବା ମଧ୍ୟ ଜରୁରି । କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ । ବିକାଶ ପେକ୍ଷାପଟରେ ଅସନ୍ତୁଳିତ ପରିବେଶର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବାକୁ ହେଲେ ଆମକୁ ସବୁଜ ଅଭିଯାନରେ ସାମିଲ ହେବାକୁ ହେବ । ସେଥିପାଇଁ ଏବେ ଗ୍ରହଣ କରାଯାଉଥିବା ଯୋଜନାକୁ 'ସବୁଜ ଯୋଜନା'ରେ ରୂପାନ୍ତରିତ କରିବାର ପ୍ରୟାସ ଚାଲିଛି । ସବୁଜ ଅଙ୍ଗାଳିକା, ସବୁଜ ଭିତ୍ତିଭୂମି, ସବୁଜ ଶକ୍ତି, ସବୁଜ ଶିଳ୍ପ, ସବୁଜ ଅର୍ଥନୀତି, ସବୁଜ ପରିବହନ, ସବୁଜ ଉତ୍ପାଦନ, ସବୁଜ ପର୍ଯ୍ୟଟନ ଇତ୍ୟାଦି । ଏହି ପୃଷ୍ଠଭୂମିରେ ଦେଶରେ ଯେଉଁ ସବୁଜ ବିକାଶର ପରିକଳ୍ପନା କରାଯାଉଛି, ତାହାର ମୁଖ୍ୟ ଆଧାର ହେଉଛି ନବୀକରଣୀୟ ଶକ୍ତି ଉତ୍ପାଦନ ବୃଦ୍ଧି ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ । ନବୀକରଣୀୟ ଶକ୍ତିର ଉତ୍ପାଦନ ତଥା ପ୍ରାବଧାନ ବୃଦ୍ଧି ଦିଗରେ ଭାରତ ଦୃଢ଼ଭାବେ ସମର୍ପିତ । ଏହି ଶକ୍ତିର ଅର୍ଦ୍ଧାଧିକ ସୌରଶକ୍ତିରୁ ଆସିବ । ଦେଖିବାକୁ ଗଲେ, ୨୦୧୪ ମସିହା ପରଠାରୁ ପ୍ରତିବର୍ଷ ଆମ ଦେଶର ବଜେଟରେ ନବୀକରଣୀୟ ଶକ୍ତି ବା ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରାବଧାନ ରଖାଯାଇଛି । ୨୦୨୫ ମସିହାରେ ପ୍ୟାରିସ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀ ଜସ୍-୨୧ରେ, ଭାରତ ଓ ଫ୍ରାନ୍ସ ମିଳିତ ଭାବେ ଯେଉଁ ଆନ୍ତର୍ଜାତିକ ସୌର ସଂଗୋଷ୍ଠୀର ମୂଳଦୁଆ ପକାଇଥିଲେ, ସେଥିରେ ଏବେ ୧୨୦ଟିରାଷ୍ଟ୍ର ଅଂଶୀଦାର ଅଛନ୍ତି । ପୁନଶ୍ଚ ୨୦୨୧ ନଭେମ୍ବର ମାସରେ 'ଗ୍ଲାସଗୋ'ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀରେ ଭାରତ ଆହ୍ୱାନ ଦେଇଥିଲା 'ଗୋଟିଏ ପୃଥିବୀ, ଗୋଟିଏ ପୁଅବା ଏବଂ ଗୋଟିଏ ଗ୍ରାଡ' । ବିଦ୍ୟୁତଜ୍ଜାତି ଓ ଜର୍ଦ୍ଦଜ୍ଜାତି ମଧ୍ୟରେ ଅସନ୍ତୁଳିତ ଆମ ଦେଶକୁ ବର୍ଷରେ ୩୦୦ଟି ଖରାଦିଆ ଦିନ ମିଳିଥାଏ । ଦେଶର ପ୍ରାୟ ୨୦,୦୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନର କ୍ଷମତା ରହିଛି । ସେହିପରି ପବନ ଶକ୍ତିର କ୍ଷମତା ମଧ୍ୟ ୪୦,୦୦୦ ମେଗାୱାଟ, ବିଶ୍ୱରେ ଭାରତ ନବୀକରଣୀୟ ଶକ୍ତି କେନ୍ଦ୍ର ପ୍ରତିଷ୍ଠାରେ ଚତୁର୍ଥ ସ୍ଥାନରେ ଅଛି । ସୌରଶକ୍ତି ଉତ୍ପାଦନ ଓ ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମ ଦେଶର ସ୍ଥାନ ବିଶ୍ୱରେ ଚତୁର୍ଥ । କିନ୍ତୁ ବିଶେଷକରି ପବନ ଶକ୍ତି ଓ ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ ଆମର ଦକ୍ଷତା ବଢ଼ାଇବାକୁ ପଡ଼ିବ । ଚଳିତ ବର୍ଷ ସୁଦ୍ଧା, ଭାରତ ଅଣଜୀବାଶ୍ମ ଇନ୍ଧନ ବ୍ୟବହାର କରି କିଛୁଟି ଶକ୍ତି ଉତ୍ପାଦନ ହ୍ରାସର ୫୦ ପ୍ରତିଶତ ଲକ୍ଷ୍ୟ, ଯାହା ୨୦୩୦ ସୁଦ୍ଧା ହାସଲ କରିବାର ଥିଲା, ତାହା ୫ବର୍ଷ ପୂର୍ବରୁ ହାସଲ କରିସାରିଛି । ୨୦୭୦ ମସିହା ସୁଦ୍ଧା ଆମେ ଶୂନ୍ୟ କାର୍ବନ ଉତ୍ସର୍ଜନ ଲକ୍ଷ୍ୟ ରଖିଛୁ ।

ବ୍ୟତିକ୍ରମ ବ୍ୟାଖ୍ୟାନ

ଭାରତୀୟ ଉଚ୍ଚ ଅଦାଲତଗୁଡ଼ିକରେ ଅନେକ ଅତ୍ୟନ୍ତ ଜରୁରୀ ବିଚାରପତି ନିର୍ଦ୍ଧାଳି, ନିଷ୍ପତ୍ତି ଓ ଉଦାହରଣୀୟ ରାୟ ପ୍ରଦାନ କରିବାରେ ଲାଗିଛନ୍ତି । କିନ୍ତୁ ମୁଷ୍ଟିମେୟ କେତେକ ବ୍ୟତିକ୍ରମ ହେତୁ ସମଗ୍ର ନ୍ୟାୟପାଳିକା ସନ୍ଦେହାସ୍ପଦ ହୋଇଉଠେ । ପୁଣି, ଏତିକି ବେଳେ ଯଣୋବଳ ବର୍ମାଙ୍କ ଭଳି ବିଚାରପତିଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କାର ଉଦ୍ଧାର ଏଭଳି ସନ୍ଦେହକୁ ଅଧିକ ବୃଦ୍ଧିପାଇ ଚାଲିଛି । ଗଲା ୨୦୧୭ ମସିହାରେ ସମ୍ମୁଖ ଦେଖାଦେଇ ଓ ଗୁଣ୍ଡ କରିଥିବା ଜଣେ ନାବାଳିକା ବଳାତ୍କାର ମାମଲାର ବିଚାର ସମାପ୍ତ ହୋଇ ଦୋଷୀ ଦଣ୍ଡ ଭୋଗ କରୁଥିଲେ ଦେଁ ଗଲା ଦୁଇବାର ଦିନ ଦିଲ୍ଲୀ ଜଜ ଅଦାଲତଙ୍କ ଏ ଘଟଣା ସଂପର୍କିତ ଏକ ନିଷ୍ପତ୍ତି ପରେ ପୁନର୍ବାର ଉତ୍ବେଗ ଓ ଉତ୍ତେଜନା ସୃଷ୍ଟି ହୋଇଛି, ଯଦ୍ଦିରେ ନ୍ୟାୟପାଳିକାଙ୍କ ବିବେଚନାବୋଧ, ଏପରିକି ନିଷ୍ପକ୍ଷତା ସନ୍ଦେହପନ୍ନ ହୋଇ ଉଠିଛି । ସୁରଣସୋରାଯ ଏଇ ଶଂସିତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଉନ୍ନାଓର ବଳାତ୍କାରୀ ବିଜେପି ବିଧାୟକ କୁଳଦୀପ ସିଂହ ସେଙ୍ଗାରଙ୍କୁ 'ପୋକ୍ସୋ' ଆଇନ ଅନୁସାରେ ୨୦ ବର୍ଷ ସଜାଶେଷ ଜେଲ ଦଣ୍ଡାଦେଶ ହୋଇଥିଲେ ଦେଁ କାରାବରଣର ସାତ ବର୍ଷ ଅତିକ୍ରମ କରୁ ନ କରୁଣୁ ତାଙ୍କ ଦ୍ୱାରା ଆଗତ ଏକ ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦଣ୍ଡରେ ବିରାମ ଘଟାଯିବା ସହିତ ସେଙ୍ଗରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି ; ଯେଉଁ ସ୍ଥିତିରେ ଆଇନ ବିଶେଷଜ୍ଞମାନେ ଅନୁମାନ କରିଥାଆନ୍ତି ଯେ ଏହା ସହିତ ସେଙ୍ଗରଙ୍କ ସ୍ଥାୟୀ ମୁକ୍ତିର ପଥ ଅନ୍ତତଃ ପରିଷ୍କାର ହୋଇଯାଇଛି । ଉଲ୍ଲେଖଯୋଗ୍ୟ ଯେ 'ପୋକ୍ସ ?ସୋ' ଆଇନରେ ଥିବା ଗୋଟିଏ ଧାରାକୁ ଭିନ୍ନ ରୂପେ ସଂଜ୍ଞାୟନ କରି ଖଣ୍ଡପୀଠ ଦଣ୍ଡକୁ ଲୋହକ କରିଛନ୍ତି । କିନ୍ତୁ ଏଭଳି ସ୍ଥିତିରେ ଉନ୍ନାଓ ପରି ଏକ ଅତ୍ୟନ୍ତ ସ୍ପର୍ଶକାତର ଘଟଣାରେ ପାଡ଼ିଚାଲୁ ନ୍ୟାୟ ମିଳିବାରେ ବିଫଳତା ଯେଉଁକି ଚିନ୍ତା ଉଦ୍ରେକ କରିଥାଏ, ତା' ଠାରୁ ଅଧିକ ଉତ୍ବେଗର କାରଣ ହୋଇଥାଏ ଜଜ ଅଦାଲତଗୁଡ଼ିକ ଦ୍ୱାରା ବିଭିନ୍ନ ବିଷୟ ପୁନଃ ସଂଜ୍ଞାୟିତ ହେଉଥିବା ବେଳେ ବିବେଚନାବୋଧର ଅଭାବରୁ ସୃଷ୍ଟ ବିବାଦ ଓ ବିପଦ; ଯେଉଁ ସଂପର୍କରେ ଏକ କ୍ଷୁବ୍ଧ ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପୁନାଶ ଥାଉ କି ଭାରିସଂପର୍କ ଏକ ଆନ୍ତର୍ଜାତିକ ସମନ୍ଦରେ ଭାରତର ସ୍ୱାକ୍ଷର ସହିତ ଦେଶରେ 'ପୋକସୋ' (ପ୍ରଟେକ୍ସନ ଅଫ ଚାଇଲ୍ଡ ଫ୍ରମ ସେକ୍ସୁଆଲ ଅଫେନ୍ସେସ୍) ଆଇନ କାର୍ଯ୍ୟକାରୀ ହୋଇଛି, ଯାହାର ଉଦ୍ଦେଶ୍ୟ କରୋର ଦଣ୍ଡର ପ୍ରାବଧାନ ମାଧ୍ୟମରେ ଉଭୟ ଲିଙ୍ଗର ଶିଶୁ ଓ ନାବାଳକଙ୍କୁ ଯୌନ-କିଡ଼ିନ୍ପିଗ୍ରସ୍ତମାନଙ୍କ ପ୍ରାଦୁର୍ଭାବରୁ ସୁରକ୍ଷା ଦେବା । ଏହି ଆଇନର ଧାରା ୫ ଅନୁସାରେ ଦୋଷୀ ସାବ୍ୟସ୍ତ କୌଣସି ସାଧାରଣ ବ୍ୟକ୍ତିଙ୍କ ସଜାଶେ ସର୍ବନିମ୍ନ ୭ ବର୍ଷର କାରାବରଣ ପ୍ରାବଧାନ ଥିବା ବେଳେ 'ପବ୍ଲିକ ଅଥରିଟି' ବା 'ଜନସାଧାରଣଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାର କ୍ଷମତାଧାରୀ' ଉତ୍ପାଦ୍‌କମାନଙ୍କ କ୍ଷେତ୍ରରେ କାରାବାସ ଅବଧି ସର୍ବନିମ୍ନ ଦୋଡ଼ିଏ ବର୍ଷ ପର୍ଯ୍ୟନ୍ତ ହୋଇପାରେ । ଉନ୍ନାଓ ମାମଲାରେ, ୨୦୧୯ ମସିହାରେ, ଦିଲ୍ଲୀର ଏକ ଅଦାଲତଙ୍କ ଦ୍ୱାରା ସେଙ୍ଗର ୨୦ ବର୍ଷ ସଜାଶେ ଜେଲ ଦଣ୍ଡାଦେଶ ପାଇଥିଲେ । କିନ୍ତୁ, କାରାବରଣର ୭ ବର୍ଷ ପୂରଣ ହେବା ପରେ ଧୁର୍ତ୍ତ କୁଞ୍ଜିର ପ୍ରୟୋଗ ଦେଇ ସେଙ୍ଗର ଯେଉଁ ଅପୀଲକୀ ଆବେଦନ କରିଥିଲେ, ତହିଁରେ ଜଣେ ବିଧାୟକ 'ସରକାରୀ କ୍ଷମତାଧାରୀ' ପଦବାଚ୍ୟ ନୁହେଁ ବୋଲି ଯୁକ୍ତି କରାଯାଇଛି, ଯାହାକୁ ହିଁ ଉଚ୍ଚ ଅଦାଲତ ସମର୍ଥନ ଜଣାଇ ଦଣ୍ଡାଦେଶରେ ବିରାମ ଘଟାଇଛନ୍ତି । ଏ ସଂପର୍କରେ ପ୍ରଶ୍ନ ଉଠିଥାଏ ଯେ ଅଦାଲତଙ୍କ ବିବେଚନା ଅନୁସାରେ କେବଳ କ୍ଷମତାପ୍ରାପ୍ତ ସରକାରୀ ଅଧିକାରୀମାନେ କ'ଣ 'ପବ୍ଲିକ ଅଥରିଟି' ପର୍ଯ୍ୟାୟଭୁକ୍ତ ? ଜନ ପ୍ରତିନିଧିମାନେ 'ପବ୍ଲିକ ଅଥରିଟି' ସଂଜ୍ଞାଭୁକ୍ତ ନୁହନ୍ତି ? ଏହା ହିଁ ବିବାଦର ମଜ୍ଜି, କାରଣ ଆମ ଦେଶରେ ନିର୍ବାଚିତ ଜନ ପ୍ରତିନିଧିମାନେ ଯେ କିଛି ଅମିତ କ୍ଷମତାଶାଳୀ ହୁଅନ୍ତି, ତାହା କୁଆଡ଼ ଲହିବାର ଆବଶ୍ୟକତା ନାହିଁ । ପୁଣି ସେଙ୍ଗର ଥିଲେ ରାଜ୍ୟରେ କ୍ଷମତାସୀନ ବଳର ବିଧାୟକ ! କେବଳ ସେତିକି ନୁହେଁ, ବିଧାୟକମାନଙ୍କ ବେତନ, ଭତ୍ତା, ସୁବିଧା-ସୁଯୋଗ ଓ ସଂପତ୍ତି ଆଦି ସବୁ କିଛି ସରକାର ଓ ସରକାରୀ ବ୍ୟବସ୍ଥା ସହିତ ସଂଯୁକ୍ତ । ଏଠାରେ ପ୍ରକାଶଯୋଗ୍ୟ ଯେ ୨୦୧୬ ମସିହାରେ, ସି.ବି.ଆଇ. ବନାମ ରମେଶ ଗୋଲି ମାମଲାରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଜନ ସାଧାରଣଙ୍କ ସହିତ କାରବାର କରୁଥିବା ଘରୋଇ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ 'ପବ୍ଲିକ ସର୍ଭାଂଟ' ଏବଂ ସେ ଦୃଷ୍ଟିରୁ ନିଜ କାର୍ଯ୍ୟ ସଜାଶେ ବିଶେଷ ଭାବେ ଜଳବରଦାୟୀ । ଶେଷୁ, 'ପବ୍ଲିକ ଅଥରିଟି' ଭଳି ଏକ ଅଭିବ୍ୟକ୍ତିକୁ କିନ୍ତୁ ରୂପେ ପରିଭାଷିତ କରି 'ପୋକସୋ' ମାମଲାରେ ଦୋଷୀର ଦଣ୍ଡକୁ ଲୋହକ କରାଯିବା ଦ୍ୱାରା ସୃଷ୍ଟି କରିବା ସ୍ୱାଭାବିକ । ତେବେ, ପ୍ରସଙ୍ଗ କ୍ରମେ ଉନ୍ନାଓ ପାଡ଼ିଡ଼ାଙ୍କ ଦୀର୍ଘ ଯନ୍ତ୍ରଣା ଓ ଅପୂର୍ବ ସାହସର କଥା ଅତି ସଂକ୍ଷେପରେ ବର୍ଣ୍ଣନା କରାଯିବା ଆବଶ୍ୟକ, ଯଦ୍ଦିରୁ ସେଙ୍ଗରଙ୍କ ଅମିତ କ୍ଷମତାର ଜଳକଣିଏ ମିଳିବ । ୨୦୧୮ ମସିହାରେ ବ୍ୟାପକ ଜନ ପ୍ରତିବାଦ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଭବନ ସମ୍ମୁଖରେ ପାଡ଼ିଡ଼ାଙ୍କ ଆତ୍ମଦାହର ଉଦ୍ୟମ ପରେ ଥାନାରେ ସେଙ୍ଗରଙ୍କ ନାମରେ ଅଭିଯୋଗ ଦାଖଲ କରାଯାଇଥିଲା । ଏହି ସମୟ ଖଣ୍ଡରେ ପାଡ଼ିଡ଼ାଙ୍କ ପିତାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇ ହାଜତରେ ପିଟିପିଟି ହତ୍ୟା କରାଯାଇଥିଲା । ବିଚାର ଚାଲିଥିବା ବେଳେ ଏକ ଟ୍ରକ୍ ଦୁର୍ଘଟଣାରେ ପାଡ଼ିଡ଼ାଙ୍କ ଦୁଇ ସଂପର୍କୀୟ ଓ ଓକିଲ ନିହତ ହୋଇଥିଲେ ଏବଂ ଗୁରୁତର ରୂପେ ଆହତ ପାଡ଼ିଡ଼ା କୌଣସମତେ ବଚି ଯାଇଥିଲେ; ଯେଉଁ ଦୁର୍ଘଟଣାରେ ପଛରେ ସେଙ୍ଗରଙ୍କ ଷଡ଼ଯନ୍ତ୍ର ଥିଲା ବୋଲି ସି.ବି.ଆଇ. ପକ୍ଷରୁ ଏକ ମାମଲା ମଧ୍ୟ ଦାଖଲ କରାଯାଇଥିଲା, ଯାହା ସଂପ୍ରତି ବିଚାରାଧୀନ ଅଛି । ସେଙ୍ଗରଙ୍କ ପ୍ରଭାବକୁ ଦୃରେଇ ରଖିବା ଲାଗି ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶାନୁସାରେ ମାମଲାକୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠି ବିଚାର ହୋଇ ସେଙ୍ଗରଙ୍କୁ ଦଣ୍ଡିତ କରାଯାଇଥିଲା । ତେବେ, ସେ ଯାହା ହେଉ, ଦିଲ୍ଲୀ ଜଜ ଅଦାଲତର ସଦ୍ୟତମ ବ୍ୟାଖ୍ୟା ଓ ନିଷ୍ପତ୍ତି ଅନୁସାରେ ସେଙ୍ଗର ହେଉଛନ୍ତି ଜଣେ ନିଷ୍ପାଳୀ ସାଧାରଣ ବ୍ୟକ୍ତି ! ଅଥଚ, ଅନେକ ଆଇନ ବିଶେଷଜ୍ଞଙ୍କ ମତରେ ଏଭଳି ନିଷ୍ପତ୍ତି ମଧ୍ୟ ହୋଇପାରେ ସେଙ୍ଗରଙ୍କ ଅମିତ ପ୍ରଭବର ଫଳଶ୍ରୁତି ! 'ପୋକ୍ସୋ' ଭଳି ଅତ୍ୟନ୍ତ ସ୍ପର୍ଶକାତର ସଂପର୍କରେ ଭାରତୀୟ ଉଚ୍ଚ ଅଦାଲତଗୁଡ଼ିକର ତର୍କମା ଓ ବ୍ୟାଖ୍ୟାନ ବିଭିନ୍ନ ସମୟରେ ତୀବ୍ର ବିବାଦୀୟ, ସାଧାରଣଜ୍ଞାନ ଶୂନ୍ୟ ଓ ସଂବେଦନାହୀନ ହୋଇଛି । ୨୦୨୧ ମସିହାରେ ଦେଶର ସର୍ବୋଚ୍ଚ ଅଦାଲତରେ ଜଣେ 'ପୋକ୍ସୋ' ଅଭିଯୁକ୍ତ ପ୍ରତି ବଳାତ୍କାର ମୁଖ୍ୟ ବିଚାରପତି ଏସ. ଏ. ବୋବଡ଼େଙ୍କ ପ୍ରଶ୍ନ ଥିଲା ଯେ ପାଡ଼ିଡ଼ାଙ୍କୁ ବିବାହ କରି ସେ ତାଙ୍କ ଦଣ୍ଡ କୋହଳ କରିବାକୁ ଚାହାନ୍ତି କି ? ଉଲ୍ଲେଖଯୋଗ୍ୟ ଯେ ଆଲହାବାଦରୁ ନେଇ ଦିଲ୍ଲୀ, ମୁମ୍ବାଇ ଓ କର୍ଣ୍ଣାଟକ ପର୍ଯ୍ୟନ୍ତ ଅନେକ ରାଜ୍ୟର ଉଚ୍ଚ ଅଦାଲତଗୁଡ଼ିକରେ 'ପୋକ୍ସୋ' ପାଡ଼ିଡ଼ାଙ୍କୁ ବଳାତ୍କାରୀ ସହିତ ବିବାହ କରିବାର ପରାମର୍ଶ ଦିଆଯାଇଛି । କର୍ଣ୍ଣାଟକ ଉଚ୍ଚ ଅଦାଲତରେ ଜଣେ ଅଭିଯୁକ୍ତ ଖଲାସ କରି ଦିଆଯିବା ପଛରେ କାରଣଟି ଥିଲା ହାସ୍ୟାସ୍ପଦ; ଅର୍ଥାତ୍ ଉଦ୍ଦେଶ୍ୟ କୁଆଡ଼େ ସେହି ବଳାତ୍କାର ହେତୁ ଗର୍ଭବତୀ ହୋଇ ପଡ଼ିଥିବା ନାବାଳିକାଙ୍କୁ ଲୋକଲଜ୍ଜାରୁ ରକ୍ଷା କରିବା । ୨୦୨୧ ମସିହାରେ ମୁମ୍ବାଇ ହାଇକୋର୍ଟର ବିଚାରପତି ପୁଷ୍ପା ଗଣେଡିୱାଲେ ଏକ 'ପୋକ୍ ?ସୋ' ମାମଲାର ଶୁଣାଣି କରି କହିଥିଲେ ଯେ ପାଡ଼ିଡ଼ାର ପିଛିଥିବାରୁ ତାଙ୍କ ସମ୍ବେଦନଶୀଳ ଅଙ୍ଗ ଉପରେ ଆପତ୍ତିଜନକ ହସ୍ତ ସଂଚାଳନ କରାଯିବା ସତ୍ତ୍ୱେ ତାହା 'ପୋକ୍ସୋ' ଦଣ୍ଡବିଧି ପରିସରଭୁକ୍ତ ହେବ ନାହିଁ: ସେ ସ୍ପଷ୍ଟ କରିଥିଲେ ଯେ ଚର୍ମ ସ୍ପର୍ଶ ନ କଲା ପର୍ଯ୍ୟନ୍ତ ତାହା ମାମୁଲି ଅସଦାଚରଣ ରୂପେ ପରିଗଣିତ ହେବ । ଏଭଳି ଅନେକ ଉଦାହରଣ ବିଦ୍ୟମାନ, ଯାହା ପ୍ରକାରାନ୍ତରେ ଅପରାଧୀଙ୍କ ଲାଗି ଶୋଷଣ କରିବାର ପରିସରକୁ ପ

ବୁର୍ଲା, ଭିମସାରରେ ଅତ୍ୟାଧୁନିକ ସୁବିଧା ଗୁଡ଼ିକର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ପ୍ରକୃତରେ ସୁସ୍ଥ କରିଥାଏ : ଧର୍ମେନ୍ଦ୍ର ପ୍ରଧାନ

ବୁର୍ଲା, ସମ୍ବଲପୁର,୨୮/୧୨(ନି/ପ୍): ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ପ୍ରକୃତରେ ସୁସ୍ଥ କରିଥାଏ ବୋଲି ଶନିବାର ବୁର୍ଲା, ଭିମସାରରେ ଅତ୍ୟାଧୁନିକ ସୁବିଧା ଗୁଡ଼ିକର ଲୋକାର୍ପଣ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଭିମସାରରେ ପ୍ରଥମେ ୩ ଟେସେଲା ଏମ.ଆର.ଆଇ. କକ୍ଷର ଉଦଘାଟନ କରିବା ସହ ୮୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର(ଏନଏନସିୟୁ) ଭବନର ଉଦଘାଟନ କରିଥିଲେ । ସେ କହିଛନ୍ତି, ଏମଆରଆଇ ମେସିନ ଦ୍ୱାରା ରୋଗୀଙ୍କର ଅତି ସୂକ୍ଷ୍ମ ପରୀକ୍ଷା ଓ ସଠିକ୍ ରୋଗ ନିରୂପଣ ସହଜ ହୋଇପାରିବ । ନବଜାତ ଶିଶୁମାନଙ୍କ ପାଇଁ ଯତ୍ନ କେନ୍ଦ୍ର ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହ ନବଜାତଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇବାରେ ସହାୟକ ହେବ । ଏହି ସବୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଚିକିତ୍ସା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆସିବ । ସାଧାରଣ ଜନତାଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମେ ସବାସର୍ବଦା ପ୍ରତିଶ୍ରୁତିବଦ୍ଧ । ଭିମସାରରେ ଆୟୋଜିତ ସାଂସ୍କୃତିକ ମହାଭାରତ ଲୁମିଭକ୍ସ- ୨୦୨୫ରେ ପ୍ରଧାନ କହିଛନ୍ତି, ଲୁମିଭକ୍ସ ଜ୍ଞାନ, ସେବା ଏବଂ ସଂସ୍କୃତିର ଏକ ଅପୂର୍ବ ସଙ୍ଗମ । ଗରିବ ଲୋକମାନଙ୍କର ଚିକିତ୍ସାର କେନ୍ଦ୍ର ହେଉଛି ଭିମସାର । ଆଜିର ଯୁଗରେ ଅତ୍ୟାଧୁନିକ ମେସିନ ସଠିକ୍ ରୋଗ ନିରୂପଣ କରୁଛି, କିନ୍ତୁ ଜଣେ ଡାକ୍ତରଙ୍କ ହସ ଓ ଆଶ୍ୱାସନା ହିଁ ରୋଗୀକୁ ପ୍ରକୃତରେ ସୁସ୍ଥ କରିଥାଏ । ଆମର ଲକ୍ଷ୍ୟ କେବଳ ରୋଗ ହେବା ପରେ ଚିକିତ୍ସା କରିବା କୁହେଁ, ବରଂ ରୋଗକୁ ରୋକିବା । ଡାକ୍ତରମାନେ ସଶକ୍ତ ହେଲେ ହିଁ ସମାଜ ସଶକ୍ତ ହେବ । ଭିମସାରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ପାଖାପାଖି ୧୬୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ଖୁବ ଶୀଘ୍ର ଏଠାରେ ନୂଆ ସୁଶାସନ ମଡେଲ, ନିୟୁକ୍ତି ପଲିସି, ପରୀକ୍ଷା ପଲିସି ଅଟୋନୋମୋସ ମାଧ୍ୟମରେ ହେବ । ଖୁବଶୀଘ୍ର ନର୍ସିଂ ଝିଅମାନଙ୍କର ଛାତ୍ରୀ ନିବାସ, ପାରାମେଡିକାଲ ଷ୍ଟାଫ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମସ୍ୟାର ସମାଧାନ ସହ ନୂତନ ନିୟୁକ୍ତି ପଦ୍ଧତିକୁ ତ୍ୱରାନ୍ୱିତ କରାଯିବ । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ସଂକଳ୍ପରେ ଭିମସାରରୁ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ବିଶ୍ୱ ମେଡିକାଲ ପ୍ରାକ୍ଟିସରେ ନେତୃତ୍ୱ ନେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

ଝାରସୁଗୁଡ଼ାରେ ହୋମଗାର୍ଡ ଭର୍ତି ପାଇଁ ପରୀକ୍ଷା :

ପଦବୀ ୧୦୨, ଲିଖିତ ପରୀକ୍ଷା ଦେଉଛନ୍ତି ୪୦୪୦ ପ୍ରାର୍ଥୀ

ଝାରସୁଗୁଡ଼ା,୨୮/୧୨(ନି/ପ୍):ଝାରସୁଗୁଡ଼ା ଜିଲ୍ଲାରେ ଖାଲି ପଡ଼ିଥିବା ୧୦୨ଟି ହୋମଗାର୍ଡ ପଦବୀ ପାଇଁ ଆଜି ଲିଖିତ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ପରୀକ୍ଷାରେ ମୋଟ ୪୦୪୦ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରୁଥିବା ବେଳେ ଓଏସଏପି ବାଟାଲିୟନ ପଡିଆରେ ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି ପରୀକ୍ଷାରୁ ୧୦୧୦ ଜଣ ପ୍ରତିଯୋଗୀ ଚୟନ ହୋଇ ପରବର୍ତ୍ତୀ ଶାରୀରିକ ପରୀକ୍ଷାକୁ ଯିବେ ବୋଲି ଜଣାପଡିଛି । ପରୀକ୍ଷା କିଭଳି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ତାକୁ ଆଖି ଆଗରେ ରଖି ପରୀକ୍ଷାସ୍ଥଳରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ମଧ୍ୟ କରାଯାଇଛି । ପ୍ରଶ୍ନପତ୍ର ଲିକ୍ ଯେଉଁଠି ନହୁଏ, ସେଥିପାଇଁ ଡ୍ୟୁଟିରେ ଥିବା ପୁଲିସ ଅଧିକାରୀଙ୍କୁ ବି ମୋବାଇଲ ନେବା ଲାଗି ବାରଣ କରାଯାଇଛି ।

କାଠରଗଡା ମଣ୍ଡିରେ ଅବ୍ୟବସ୍ଥା

ଜୟପୁର, ୨୮/୧୨(ନି/ପ୍): କାଠରଗଡା ମଣ୍ଡିରେ ଆରଏମସି ପକ୍ଷରୁ ସବ୍ୟବସ୍ଥା ହୋଇଥିବା ଯୋଗୁଁ ଚାଷୀ ମାନେ ଅଭିଯୋଗ କରିଛନ୍ତି । କାଠରଗଡା ମଣ୍ଡିରେ କାଠରଗଡା, ଚମ୍ପାପଦର ଓ ହରଦାଗୁଡା ୩ଟି ଟଂପାୟତର ଚାଷୀ ମାନେ ନିର୍ଭର କରୁଛନ୍ତି । ଆଜି ଚାଷୀ ଓ ମିଲ ମାଲିକଙ୍କ ସହ କାମଚା ଲେଖ୍ ଏମ.ଡି ମାନସି ହୋଚାଙ୍କ ଆଲୋଚନା ପରେ ମଣ୍ଡିରୁ ଧାନ ଉଠିଥିଲା । କ୍ୟାମ୍ପ କର୍ମଚାରୀ ଉପସ୍ଥିତ ଥିବା ବେଳେ ଆରଏମସିର କେହି କର୍ମଚାରୀଙ୍କ ଦେଖା ମିଳିନଥିଲା । ଆରଏମସି ପକ୍ଷରୁ ମଣ୍ଡିରେ ସମସ୍ତ ବ୍ୟବସ୍ଥା ଯୋଗାର ଦେବା ପାଇଁ ନିୟମ ଥିବା ବେଳେ କାଠରଗଡା ମଣ୍ଡିରେ ଚାଷୀଙ୍କ ପାଇଁ କିଛି ଆରଏମସି ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ । କେବଳ ସିସି କ୍ୟାମେରା ଲଗାଇ ଦେଇ ଆରଏମସି କର୍ତ୍ତୃପକ୍ଷ ଚୁପ ହୋଇ ରହିଛନ୍ତି । ଏଣୁ ଆଜି ଚାଷୀ ମାନଙ୍କ ମଧ୍ୟରେ ଉତେଜନା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଆଜି ମଣ୍ଡିରେ ୪କେଜି କଟମା ଛଟନା କରାଯାଇଥିବା ଯୋଗୁଁ ଚାଷୀ ମାନେ ସିଏସଓଙ୍କୁ ୧କେଜି, ମିଲରଙ୍କୁ ୧କେଜି, ଲ୍ୟାମ୍ପ କୁ ୧କେଜି, ଆରଏମସିକୁ ୧କେଜି ଧାନ ଆଜାରରେ ଦାନ ଦେବଙ୍କୁ ବୋଲି ଚାଷୀ ମାନେ ପ୍ରକାଶ କରିଥିଲେ ।

କ୍ରୀଡା ପଦକ୍ଷେପ ମାଧ୍ୟମରେ ମଜବୁତ ସମ୍ପ୍ରଦାୟ ଗଠନ ପ୍ରୟାସ

ଝାରସୁଗୁଡା,୨୮/୧୨(ନି/ପ୍): ଝାରସୁଗୁଡାର ଗ୍ରାମ ଏବଂ ବିଦ୍ୟାଳୟଗୁଡ଼ିକରେ କ୍ରୀଡା ବୃଣମୂଳ ସ୍ତରର ବିକାଶର ଏକ ଶକ୍ତିଶାଳୀ ବାହନ ଭାବରେ ଉଭା ହେଉଛି । ନିରନ୍ତର ଏବଂ ସଂରଚିତ ହସ୍ତକ୍ଷେପ ମାଧ୍ୟମରେ, ବେଦାନ୍ତ ଝାରସୁଗୁଡା ପିଲା ଏବଂ ଯୁବକମାନଙ୍କ ପାଇଁ ସଂଗଠିତ କ୍ରୀଡାର ପ୍ରବେଶକୁ ବିସ୍ତାର କରୁଛି, ସାମୁଦାୟିକ ସ୍ତରରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସକୁ ସୁଦୃଢ଼ କରୁଛି ।ବଳଗତ ଏବଂ ବ୍ୟକ୍ତିଗତ କ୍ରୀଡା ଉଭୟରେ ବିନିଯୋଗ କରି, ବେଦାନ୍ତ ଝାରସୁଗୁଡା ଅନ୍ତର୍ଭୁକ୍ତ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା ଯୁବକମାନଙ୍କୁ ପ୍ରାରମ୍ଭିକ ଭାବରେ ଜଡିତ କରେ ଏବଂ ଦୀର୍ଘକାଳୀନ ପ୍ରଭାବ ପ୍ରଦାନ କରେ । ଗ୍ରାମଗୁଡ଼ିକୁ ଏକାଠି କରୁଥିବା ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଠାରୁ ଆରମ୍ଭ କରି ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ଏହି ପଦକ୍ଷେପଗୁଡ଼ିକ ବୃଣମୂଳ ସ୍ତରରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି ।ବେଦାନ୍ତ ଝାରସୁଗୁଡାର ସି ଏସ ଆ ର-ନେତୃତ୍ୱାଧୀନ ଏନଗେଜମେଂଟ କାର୍ଯ୍ୟକ୍ରମ ଅଧୀନରେ ଜଳ କଲୋନି ଗ୍ରାଉଣ୍ଡରେ ଅନୁଷ୍ଠିତ ପାଂଚ ଦିନିଆ ସାମୁଦାୟିକ କ୍ରିକେଟ ଟୁର୍ଣ୍ଣାମେଂଟ ସମୟରେ ଏହି ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା । ଝାରସୁଗୁଡାର ଷୋହଳଟି ଦଳ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ସାମୁଦାୟିକ ଯୋଗଦାନ ସହିତ, ବଳଗତ କାର୍ଯ୍ୟ, କ୍ରୀଡାଭାବ ଏବଂ ସାମାଜିକ ସଂହତିର ମୂଲ୍ୟବୋଧକୁ ସୁଦୃଢ଼ କରାଯାଇଥିଲା ।ବେଦାନ୍ତ ଝାରସୁଗୁଡାରେ, ଆମେ ଆତ୍ମବିଶ୍ୱାସୀ ଏବଂ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ କ୍ରୀଡାକୁ ଏକ ଉତ୍ପ୍ରେରକ ଭାବରେ ଦେଖୁ। ଆମର ପଦକ୍ଷେପଗୁଡ଼ିକ ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ଦୀର୍ଘକାଳୀନ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । କାର୍ଯ୍ୟକ୍ରମର ପ୍ରଭାବ ଉପରେ ମତ ଦେଇ ବେଦାନ୍ତ ମାର୍ଶଲ ଆର୍ଟସ ତାଲିମ କେନ୍ଦ୍ରର ଲାଭାର୍ଥୀ ମୁକ୍ତିକାନ୍ତ ନାୟକ କହିଛନ୍ତି, "ମାର୍ଶଲ ଆର୍ଟ ତାଲିମ ମୋତେ ଅଧିକ ଆତ୍ମବିଶ୍ୱାସୀ ଏବଂ ଶୃଙ୍ଖଳିତ କରିଛି । ମୁଁ ସ୍କୁଲ ଏବଂ ଦୈନନ୍ଦିନ ଜୀବନରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଅଧିକ ଶକ୍ତିଶାଳୀ, କେନ୍ଦ୍ରିତ ଏବଂ ଭଲ ଭାବରେ ପ୍ରସ୍ତୁତ ଅନୁଭବ କରୁଛି । ଏହି ପଦକ୍ଷେପଗୁଡ଼ିକ ମିଳିତ ଭାବରେ ବେଦାନ୍ତ ଝାରସୁଗୁଡାର ନିରନ୍ତର ସମ୍ପର୍କ ମାଧ୍ୟମରେ ସମ୍ପ୍ରଦାୟଗୁଡ଼ିକୁ ସୁଦୃଢ଼ କରିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କ୍ରୀଡାକୁ ଅନ୍ତର୍ଭୁକ୍ତି, ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ପାଇଁ ଏକ ଉପକରଣ ଭାବରେ ବ୍ୟବହାର କରି, ବେଦାନ୍ତ ଯୁବ ସମ୍ପାଦନାକୁ ଘୋଷଣା କରିଦା, ସମ୍ପ୍ରଦାୟ ବନ୍ଧନକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଜାରି ରଖିଛି ।

ଜାନୁୟାରୀ ୨୨ରୁ ଶଙ୍ଖ ମହୋତ୍ସବ

ଧର୍ମଶାଳା,୨୮/୧୨(ନି/ପ୍): ଯାଜପୁର ଜିଲା ଧର୍ମଶାଳା ବ୍ଲକ ପରୁଶିଆ ପଂଚାୟତ ଅନ୍ତର୍ଗତ ପର୍ଯ୍ୟଟନ କ୍ଷେତ୍ର ଗଲଗଲି ଶଙ୍ଖଠାରେ ଆସନ୍ତା ଜାନୁୟାରୀ ୨୨,୨୩,୨୪,୨୫,୨୬ ପାଂଚଦିନ ଧରି ୧୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ଅନୁଷ୍ଠିତ ହେବ । ବିଶ୍ୱଶାନ୍ତି ମହାଯଜ୍ଞ ତଥା ଶଙ୍ଖ ମହୋତ୍ସବ ଆଂଚଳିକ କମିଟି ପକ୍ଷରୁ ଏନେଇ ଏକ ପ୍ରସ୍ତୁତି ବୈଠକ ଗଲଗଲି ଶଙ୍ଖଠାରେ ଅନୁଷ୍ଠିତ ହେବା ନେଇ ନିଷ୍ପତି ନିଆଯାଇଛି । ଉପବେଷ୍ଟା ମଣ୍ଡଳୀର ସଭ୍ୟ ପ୍ରାଧାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜୋତପୁର ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, ପରୁଶିଆର ପୂର୍ବତନ ସରପଂଚ ଇନ୍ଦ୍ରମଣି ବଳେଜ, ପାଟପୁର ସରପଂଚ ପ୍ରତିନିଧି ଅର୍ଜୁନ ନାୟକ, ରାମଚନ୍ଦ୍ର ସେଠୀ, ସାଜନୁ ସେଠୀ, ସୁରେନ୍ଦ୍ର ବଳାଲ, ଗୋବିନ୍ଦ ଚନ୍ଦ୍ର ସତ୍ପାୟତ, ଅନିଲ କୁମାର ସାମନ୍ତରାୟ, ଶଶିଭୂଷ ଜେନା, ଭରତ ଚନ୍ଦ୍ର ସତ୍ପାୟତ, ବିଶ୍ୱନାଥ ଜେନା, ଆନନ୍ଦ ଜେନା, ଅମିନମୁ ଧଳ ପ୍ରମୁଖ କହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମହୋତ୍ସବକୁ ସରସ, ସୁନ୍ଦର, ଆକର୍ଷଣୀୟ କରିବା ନେଇ ମତବ୍ୟକ୍ତ କରିଥିଲେ । କମିଟି ସମ୍ପାଦକ ପ୍ରଶାନ୍ତ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ୨୨ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ କରାଯିବା ସହିତ ୨୩ ତାରିଖରେ ମହୋତ୍ସବ ଉଦ୍‌ଘାଟିତ ହେବ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ପର୍ଯ୍ୟଟନ ବିଭାଗ ଅଧିକାରୀ, ପ୍ରଶାସନିକ ଅଧିକାରୀଙ୍କ ସମେତ ସାଧୁ ସନ୍ତଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।

ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀରେ ବିଣାପାଣି ଜଳ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା 'ଶ୍ରୀମତୀ ସମ୍ବଲପୁର' ଉଦ୍‌ଘାଟିତ

ଓଲଟିଲା ଯାତ୍ରୀବାହୀ ବସ୍ , ୧୭ ଆହତ

ସମ୍ବଲପୁର,୨୮/୧୨(ନି/ପ୍): ସମ୍ବଲପୁର ଜିଲ୍ଲା ରେଡାଖୋଲ ରାସ୍ତା ଜଁସର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପୋଲଙ୍କୁ ଧକ୍କା ଦେଇ ଏ ଯାତ୍ରୀବାହୀ ବସ୍ ଓଲଟିପଡିଛି । ଏଥିରେ ୧୭ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ବସ୍‌ଟି ଭୁବନେଶ୍ୱରରୁ ସମ୍ବଲପୁର ଯିବାବେଳେ ଏହି ଅପଘଟଣା ଘଟିଛି । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ଜାନତିନ୍ ଜାରି ରଖିଛି ।

ବୀର ଓ ବୀରଙ୍ଗନା ମାନଙ୍କ ସ୍ମୃତି ପ୍ରତି ଘୋର ଅପମାନ :ବିକାଶ ନାଥ

ଭଦ୍ରକ,୨୮/୧୨(ନି/ପ୍):୨୦୧୩ ମସିହାରେ ଓଡିଶା ଗଣଶିକ୍ଷା ବିଭାଗ ଅଧିନରେ ଥିବା ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହିର ପୃଷ୍ଠା ସଂଖ୍ୟା- ୩୧ ର ପାରା- ୩ ଓ ପାରା-୫ ରେ ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷାରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଓ ତଥା ବର୍ତମାନ ର ଭଦ୍ରକ ଜିଲ୍ଲାର ସହୀଦନଗର ଓ ଇରମରେ ସହୀଦ ହୋଇଥିବା ସହୀଦ ମାନଙ୍କ ସଂଖ୍ୟା, ଗୁଳିଳାଗର ସ୍ଥାନ ଓ ତାରିଖ ସଂପର୍କରେ ସଂପୂର୍ଣ୍ଣ ଭୁଲ୍ ଲେଖାହୋଇଥିବାରୁ ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ର ପୂର୍ବତନ ରାଜ୍ୟ ସଭାପତି ତଥା ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ତୀବ୍ର ନିନ୍ଦା କରିଛନ୍ତି ଓ ଏହି ଭୁଲ ତଥ୍ୟକୁ ଖୁବ୍ ଶୀଘ୍ର ପରିବର୍ତ୍ତନ କରି ସଠିକ୍ ତଥ୍ୟ ପ୍ରକାଶିତ କରିବାକୁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଓ ରାଜ୍ୟ ଗଣଶିକ୍ଷା ବିଭାଗକୁ ଗଣମାଧ୍ୟମ କରିଆରେ ନିବେଦନ କରିଛନ୍ତି । ପ୍ରକାଶ ଆଉଲି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସାରା ଦେଶରେ ଭାରତ ଛାଡ ଆନ୍ଦୋଳନ ସଂଗଠିତ ହୋଇଥିଲା । ଏହି ପରିପ୍ରେକ୍ଷାରେ ୧୯୪୨ ମସିହା ସେପଟ୍ୟେମ୍ବର ୨୨ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ତଥା ବର୍ତମାନ ଭଦ୍ରକ ଜିଲ୍ଲାର ଲୁଣିଆଁ ଗାଁ କୁ ଫଲଗୁ ଚାନ୍ଦିଆପୋଶୀ ଠାରେ ବ୍ରିଟିଶ ଗୁଳିରେ ୯ ଜଣ ଆନ୍ଦୋଳନକାରୀ ସହୀଦ ହୋଇଥିଲେ । କିନ୍ତୁ ଦଶମ ଶ୍ରେଣୀ ଇତିହାସ ଓ ରାଜନୀତି ବିଜ୍ଞାନ ବହି ରେ '୧୯୪୨ ମସିହା ସେପଟ୍ୟେମ୍ବର ୨୧ ତାରିଖ ଶ୍ରୀଜଙ୍ଗ ଗାଁ ରେ ୧୦ ବା ୧୧ ଜଣ ବ୍ୟକ୍ତି ପୋଲିସ୍ ଗୁଳିରେ ପ୍ରାଣ ହରାଇଥିଲେ' ବୋଲି ଭୁଲ୍ ତଥ୍ୟ ପ୍ରକାଶିତ ହୋଇଛି । ଏହି ବହିରେ ବ୍ରିଟିଶ ଗୁଳିଳାଗ ର ସ୍ଥାନ, ତାରିଖ ଓ ସଂଖ୍ୟା ସଂପୂର୍ଣ୍ଣ ଭୁଲ୍ ଥିବାରୁ ଏହା ଭଦ୍ରକ ଜିଲ୍ଲାବାସୀ ଓ ଆମ ଭାରତବାସୀ ଙ୍କ ପ୍ରତି ଛାଟାଗାଡ ଓ ସହୀଦ ମାନଙ୍କ ସ୍ମୃତି ପ୍ରତି ଉପହାସ ବୋଲି ସିପିଆଇ(ଏମ) ର ଯୁବନେତା ତଥା ଯୁବ ଆଇନଜୀବୀ ବିକାଶ ନାଥ ଗଣମାଧ୍ୟମ କରିଆରେ ପରିପ୍ରକାଶ କରିଛନ୍ତି । ସେହିଭଳି ୧୯୪୨ ମସିହା ସେପଟ୍ଟମ୍ବର ୨୮ ତାରିଖରେ ବିଦେଇପୁର ଗ୍ରୁ ଇରମ ୧୯ ବର୍ଗ ମାଇଲ୍ ସ୍ୱାଧୀନ ବାଞ୍ଚାନିଧି ଚକଡାରେ ଧାନ ଫସଲ ଓ ସାମୁଦ୍ରିକ ଲୁଣର ଜର ନବେବା ପାଇଁ ସାଧାରଣ ଜନତା ଏକତ୍ରିତ ହୋଇ ଇରମ ମେଜନ ପଡିଆରେ ବୈଠକ କରୁଥିବା ବେଳେ ବାସୁଦେବପୁର ର ପାଢୀ ଜମିଦାର ର ଖବର କ୍ରମେ ତତ୍କାଳୀନ ପୋଲିସ ଅଫିସର କୃଷ୍ଣବିହାରୀ ଙ୍କ ସମେତ ବ୍ରିଟିଶ ପୋଲିସ୍ ସେଠାରେ ପହଂଚି ଅତି ନିଷ୍ଠୁର ଭାବେ ଗୁଳିଚାଳନା କରିଥିଲେ । ଏହି ଗଣ୍ଡଗୋଳରେ ମହିଳା ସହୀଦ ପରିବେଦ୍ୟା ଙ୍କ ସମେତ ମୋଟ ୨୯ ଜଣ ସହୀଦ ହୋଇଥିଲେ । ବର୍ତମାନ ମଧ୍ୟ କିଛି ପ୍ରତ୍ୟେକ୍ଷଦର୍ଶୀ ଇରମବାସୀ ଓ ସହୀଦନଗର ବାସୀ ବଂଚିରହିଛନ୍ତି, ଯେଉଁ ମାନଙ୍କ ପାଖରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସଠିକ୍ ତଥ୍ୟ ସଂଗ୍ରହ କରିପାରିବେ । ଭାରତର ପୂରାତନ ରାଜଧାନୀ କୋଲକାତା ଠାରେ ପ୍ରତିଷ୍ଠିତ ନେସନାଲ୍ ଲାଇବ୍ରେରୀ ରେ ଏହି ଉଭୟ ଗୁଳିଳାଗ ସଂପର୍କରେ ବ୍ରିଟିଶ ସରକାରଙ୍କ ତଥ୍ୟକୁ ଭାରତ ସରକାର ସାଉଡି ରଖିଛନ୍ତି । କିନ୍ତୁ ଭୁଲ୍ ଭାବେ ଏହି ଇତିହାସ ଓ ରାଜନୀତି ବିଜ୍ଞାନ ବହିରେ ଇରମରେ ୨୮ ଜଣ ସହୀଦ ହୋଇଛନ୍ତି ବୋଲି ପ୍ରକାଶିତ ହୋଇଛି । ଯାହା ଇରମର ରକ୍ତଭିଜା ମାଟି ପ୍ରତି ଘୋର ଅପମାନ ବୋଲି ଯୁବନେତା ବିକାଶ ନାଥ ପ୍ରକାଶ କରିଛନ୍ତି । ଦୀର୍ଘ ୧୨ ବର୍ଷ ଧରି ଏହି ଭୁଲ ତଥ୍ୟକୁ ଆମ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ପଢାଯାଉଥିବାରୁ ଓଡିଶାର ତତ୍କାଳୀନ ଗଣଶିକ୍ଷା ମନ୍ତ୍ରୀ ଗଣ, ଗଣଶିକ୍ଷା ସଚିବଗଣ, ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ର ତତ୍କାଳୀନ ଅଧ୍ୟକ୍ଷଗଣ ଓ ବର୍ତମାନର ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଓ ସମ୍ମାନନୀୟ ମୁଖ୍ୟମନ୍ତ୍ରୀ ଏହି ଇଛାକୃତ ବା ଅନିଚ୍ଛାକୃତ ତ୍ରୁଟି ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ଶ୍ରୀ ନାଥ ଦାବିକରିଛନ୍ତି । ରାଜ୍ୟ ରାଜକୋଷରୁ ପ୍ରତ୍ୟେକ ମାସ ଜୋଡିଜୋଡି ଟଙ୍କା ବରମା ନେଉଥିବା ଓଡିଶାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସ ଶିକ୍ଷକ/ ଶିକ୍ଷୟତ୍ରୀମାନେ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନର ଡିଣ୍ଡିମ ପିଟୁଥିବା ଓଡିଶାର ସମସ

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ଏକ ପ୍ରତିନିଧି ମଣ୍ଡଳୀ

ରାଉରକେଲା,୨୮/୧୨(ନି/ପ୍):ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଜୟ ମଲ୍ଲଙ୍କ ନେତୃତ୍ୱରେ, ଉପସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ୍ ଜପୁର, ସଚିବ(ଅର୍ଥ) ମନୀଷ ମୋଦି, ସଚିବ (ପ୍ରଶାସନ ଏବଂ ଜନସଂପର୍କ) ସମୀପ ଗୌତମ, ପୂର୍ବତନ ସଭାପତି ଆଦିତ୍ୟ ମହାପାତ୍ର, ସୁବ୍ରତ ପଟ୍ଟନାୟକ, ସୁନୀଲ କୟାଲ, ପ୍ରବୀଣ ଗର୍ଗ ଏବଂ ନିମନ୍ତ୍ରିତ ସୁଦର୍ଶନ ଗୋଏଲଙ୍କ ସହିତ ଚ୍ୟାମ୍ବରର ଏକ ପ୍ରତିନିଧି ଦଳ, ଭାରତ ସରକାରଙ୍କ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଉରକେଲା ସର୍କିଟ୍ ହାଉସରେ ସାକ୍ଷାତ କରିଥିଲେ । ବୈଠକ ସମୟରେ, ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେଥିମଧ୍ୟରେ ଏନ୍‌ଆଇଟି ରାଉରକେଲା ବାହାରେ ସୀମିତ ଉଚ୍ଚଶିକ୍ଷା ସୁଯୋଗ, ଏସଟିପିଆଇ ସହିତ ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ କେନ୍ଦ୍ର ଏଆଇ ଏବଂ ଉଦ୍ୟମୀତ୍ୱ ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବା ନେଇ ଆଲୋଚନା କରାଯାଇଥିଲା । ଏଥିସହିତ ରାଉରକେଲା ବିମାନବନ୍ଦରରେ ବିମାନ ସଂଯୋଗକୁ ସୁଦୃଢ଼ କରିବା, ରାଉରକେଲାରେ ଏକ ସୈନିକ ସ୍କୁଲ ପ୍ରତିଷ୍ଠା, ସମ୍ବଲପୁର ଏବଂ ରାଉରକେଲା ମଧ୍ୟରେ ଛଅ ଲେନ୍ ରାସ୍ତା ସଂଯୋଗ, ଲୁହା ଏବଂ ଇସ୍ପାତ କ୍ଷେତ୍ରରୁ ସ୍ୱାଧୀନ ନୂତନ ଶିଳ୍ପକୁ ପ୍ରୋତ୍ସାହନ, ରାଉରକେଲା ପାଇଁ ଏକ ସମର୍ପିତ ପରିବହନ ନଗରର ବିକାଶ ପାଇଁ ଆଲୋଚନା କରାଯାଇଥିଲା । ଏହି ବୈଠକ ସମୟରେ ଓଡ଼ିଶା ବିଧାନସଭା ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଲ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ଖାଧଧ୍ୱାନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ବସ୍ତ୍ରଗୀରଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ଆଲୋଚନା ସମୟରେ ଉପସ୍ଥିତ ଥିବା ଅନ୍ୟ ସଦସ୍ୟମାନେ ହେଲେ ନେମୁ ଜେନା, ପଙ୍କଜ ବାଗଡିଆ, ବିଜୟ ପ୍ରଧାନ, ବିଲୀପ କର, ପ୍ରବୀଣ ଜୈନ ଏବଂ ମୋହିତ ଜାଖୋଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର

ରାଉରକେଲା,୨୮/୧୨(ନି/ପ୍): ସହରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାର ତରଫରୁ ମାସିକ ସାହିତ୍ୟ ଆସରରେ ଡିଜିଟାଲ ଠକାମିର ସୁରକ୍ଷା ଉପରେ ଏକ ଆଲୋଚନା ଚକ୍ର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରସନ୍ନ କୁମାର ସାବତ ଙ୍କ ସଭାପତିତ୍ୱ ଓ ସମ୍ପାଦକ ବିନ୍ଦୁମ ଚନ୍ଦ୍ର ଆଚାର୍ଯ୍ୟଙ୍କ ଅବାହକତ୍ୱରେ ଆୟୋଜିତ ଏହି ଆସରରେ ଗୀତିକବି ସମୀଳର ସାଧାରଣ ସମ୍ପାଦକ ଲୋକେଶ୍ୱର ଦେବେରା ମୁଖ୍ୟଅତିଥି ଓ ସାଇବର କ୍ରାଇମର ସବ-ଇନ୍ସପେକ୍ଟର ତ୍ରିଲୋଚନ ସାମଲ ଆଲୋଚକ ଭାବେ ଯୋଗ ଦେଇ ଡିଜିଟାଲ ଠକାମିର ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ପ୍ରଥମେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ବରିଷ୍ଠ ଅଧିକାରୀ ଙ୍କ. ସୁବାସୀ ମହାପାତ୍ର ପ୍ରାକ୍ ଉପସ୍ଥାପନାରେ ସାଇବର ଅପରାଧୀମାନେ ଡିଜିଟାଲ ପ୍ଲାଟଫର୍ମ ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ, ଇମେଲ ଓ ମୋବାଇଲ ଫୋନ ଇଣ୍ଟରନେଟ ମାଧ୍ୟମରେ କମାଖାଚାରୁ ଟଙ୍କା ଉଠାଇଥାନ୍ତି । ୨୦୨୨ରୁ ପ୍ରତିବର୍ଷ ଦିପରି ଅପରାଧ ସଂଖ୍ୟା ବଢ଼ି ବଢ଼ି ଚାଲିଛି ଏବଂ ତାର ପ୍ରତିରୋଧ ଦିପରି କରିବା ସେ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇ କହିଥିଲେ । ମୁଖ୍ୟଅତିଥି ଶ୍ରୀ ଦେବେରା ତାଙ୍କ ବକ୍ତବ୍ୟରେ କହିଲେ ଯେ ସାଇବର ଠକେଇ ଠାରୁ ବଚିବାକୁ ହେଲେ ତାର ମୂଳକୁ ଉପାଡି ପିଙ୍କିବା ଦରକାର, ଏଥି ସହ ସେ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ବକ୍ତା ଶ୍ରୀ ସାମଲ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ସାଇବର ଅପରାଧୀ ମାନେ ବିଭିନ୍ନ ଆକରେ ପ୍ରଲୋଭନ ଦେଖାଇ ଡିଜିଟାଲ ପେମେଣ୍ଟ ଠକେଇ ଦ୍ୱାରା ଚିଜା ବଚେଇଛନ୍ତି । କିଛି ଅଜଣା ଫୋନ ଆସିଲେ ନମ୍ବର ମନେ ରଖିତୁଲନ୍ତ ପୋଲିସକୁ ଫୋନ କଲେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଇହବ ।ଅନଲାଇନ ବ୍ୟାଙ୍କିଙ୍ଗ୍ ପଦ୍ଧତି ବ୍ୟବହାର କରି ଠକାମୀ କରାଯାଇଥାଏ । ସେଥିପାଇଁ ସତର୍କ ରହିବା ପାଇଁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କେତେକ ଉପାୟ ବିଷୟରେ ସୂଚନା ଦେଇଥିଲେ । ଗାଳ୍ପିକ ବୁଦ୍ଧେନ୍ଦ୍ର ଦାଶ ଗଳ୍ପପାଠ କରିଥିଲେ । ପ୍ରାରମ୍ଭରେ ସଭାପତି ଶ୍ରୀ ସାବତ ସଭାପତିତ୍ୱ ଅଭିଭାଷଣ ଓ ସମ୍ପାଦକ ଶ୍ରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ଭିଭାଗର ଛାତ୍ର ଦୀପକ କୁମାର ସାହୁ ଓ ଗୀତାରାଣୀ ଦେବେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବି ବଳରାମ ଦାଶ, ଦେବେନ୍ଦ୍ର କୁମାର ବଳ, ଅଶୋକ କୁମାର ପଟ୍ଟନାୟକ, ଗୌତମ ବାସ, ପ୍ରଭାତ କୁମାର ପଣ୍ଡା,ଭୋଳେଶ୍ୱର ଦେବେରା ପ୍ରମୁଖ କବିତା ପାଠ କରିଥିଲେ ।

ଦୁର୍ଘଟଣା ନେଲା ୩ ଜୀବନ

କୋଇଡ଼ା/ବଡ଼ଗାଁ,୨୮/୧୨(ନି/ପ୍): ସୁନ୍ଦରଗଡ଼ ଜେ.ବଲାଙ୍ଗ ଥାନା ଚୂନାଘାଟିରେ ଗତକାଲି ରାତି ଦେଢ଼ଟାବେଳେ ଭୟଙ୍କର ଦୁର୍ଘଟଣା ଘଟିଛି । ଡିଭାଇଡର ଢେଇଁ ଅପରପାର୍ଶ୍ୱରେ ଯାଇଥିବା ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେଇଛି ହାଉଡ଼ା । ଦୁଇଗାଡ଼ିର ଜ୍ୟାବିନ୍ ଚୂରମାର ହୋଇ ଯାଇଥିବାବେଳେ ହାଉଡ଼ା ଚାଳକ ମାନସ ଲୋହାର (୨୬) ଓ ଟ୍ରକ୍ ଚାଳକ ସତ୍ୟଜିତ୍ କୁମାର ଗୌତମ (୩୮)ଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ଦୁଇ ଗାଡ଼ି ଜଳିଯାଇଛି । ଜେ.ବଲାଙ୍ଗ ପୁଲିସ ଓ କୋଇଡ଼ା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କଲା ପରେ ଜ୍ୟାବିନ୍‌କୁ କଟର ଦ୍ୱାରା କାଟି ଦୁଇ ମୃତ ଚାଳକଙ୍କୁ ବାହାର କରାଯାଇଥିଲା । ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିର ଲମ୍ବା ଲାଇନ୍ ଲାଗିଥିଲା । ଦୁର୍ଘଟଣାଗ୍ରସ୍ତ ଗାଡ଼ି ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । କୋଇଡ଼ାରୁ ହାଉଡ଼ା (ଓଡିଏପି-୩୦୬୧) ଗାଡିରେ ଗଡୁଥିବାବେଳେ ହଠାତ ଟ୍ରେକ୍ ଫେଲ୍ ହୋଇଥିଲା । ହାଉଡ଼ା ଡିଭାଇଡର ଢେଇଁ ବୁଢୁବୁଢୁପାଣି ଛକ ନିକଟରେ ଅପରପାର୍ଶ୍ୱରେ ବ୍ରଜରାଜନଗରରୁ ଆସୁଥିବା କୋଇଲା ବୋଝେଇ ଟ୍ରକ୍ (ଓଡିଶ୍ୟାଆର-୩୭୮୬)କୁ ଧକ୍କା ଦେଇଥିଲା । ସେହିପରି ବଡ଼ଗାଁ ଥାନା ଲ୍ୟାମ୍ବିଶ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ଗୁଟି ଚାଳକ ସାହାଜାବାହାଲ ବନ୍ଧୁପଡ଼ାର ଆସିମ ବାର୍ଲା (୨୪)ଙ୍କର ମୃତ୍ୟୁ ହୋଇଛି । ଗୁଟିରେ ଥିବା ତାଙ୍କ ସାଥୀ ଅନୁରାଗ ବାର୍ଲା (୨୪) ଆହତ ହୋଇଛନ୍ତି । ଉଭୟ ଗୁଟିରେ ଯାଉଥିବାବେଳେ ଗୋଟିଏ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଆଗରେ ଗାଡ଼ିଥିବା ଯୋଗୁ ବ୍ରେକ୍? ମାରିଥିଲେ । ଫଳରେ ପଛରୁ ଆସୁଥିବା ଗାଡ଼ି ଗୁଟିକୁ ଧକ୍କା ଦେବାରୁ ଆସିମ ଓ ଅନୁରାଗ ଛିଟିକି ପଡ଼ିଥିଲେ । ଆସିମଙ୍କୁ ଗୁରୁତର ଅବସ୍ଥାରେ ପୁଲିସ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନା ନେଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂତନା ଅନୁସାରେ, ଏହି ଦୁଇଜଣ ଚେନ୍ନାଇରେ କାମ କରନ୍ତି । ଶନିବାର ସକାଳେ ଘୁଚେଁ ଘରକୁ ଫେରିଥିଲେ । ବଡ଼ଗାଁକୁ ଖୁଅର ହେବାକୁ ଆସିଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା ।

ଟେଲିକମ୍ପାନୀ ଗ୍ରାହକ ଅଭିଯୋଗକୁ ଶୀଘ୍ର ସମାଧାନ ନକଲେ ସେବାରୁ ବାସନ୍ଧ: ଟ୍ରାଇ

ରାଉରକେଲା,୨୮/୧୨(ନି/ପ୍): ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଲବ୍ଧା ଓଜିଲାଡି ଙ୍ଗସ ବାର୍ଡ ତରଫରୁ ରାଉରକେଲା ସ୍ଥିତ ସମନ୍ୱିତ ଆଦିବାସୀ ବିକାଶ ଅନୁଷ୍ଠାନର ସଭା ଗୃହ ଠାରେ ଟେଲିକମ ଗ୍ରାହକ ସମାଧାନ ଭୂପରେଖା ସ୍ୱଚ୍ଛ ଓ ସୁଗମ ପ୍ରତିକାର ବ୍ୟବସ୍ଥା ମାଧ୍ୟମରେ ଗ୍ରାହକଙ୍କୁ ସଶକ୍ତ କରିବା ନେଇ ଏକ ସଚେତନତା କର୍ମଶାଳାକୁ ବକ୍ତା ବିଶୋଣ ମୁଣ୍ଡି ସେନା ପ୍ରମୁଖ ପ୍ରକାଶ ଚନ୍ଦ୍ର ପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଥିଲେ , ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ ସଭାପତିତ୍ୱ କରିଥିଲେ ।ସରକାର ଯୋଜନାରେ ଡିଜିଟାଲ ସାକ୍ଷରତା ଓ ଜ ସେବା ସମସ୍ତ ଇନ୍ଟାରନେଟ ସେବା ଉପରେ ଆମେ ନିର୍ଭର କରୁ ବୋଲି ସେ ମତ ରଖିଥିଲେ ଓ ଆଜିକାଲି ସମସ୍ତ ବର୍ଗର ଲୋକେ ମୋବାଇଲ ଓ ଇନ୍ଟରନେଟ ବ୍ୟବହାରକାରୀ ଯାହା ଜୀବନର ଅପରିହାର୍ଯ୍ୟ ହେବାକୁ ଲାଗିଲାଣି ଓ ପ୍ରତି ମିନିଟରେ ଗ୍ରାହକ ସାଇବାର ପ୍ରତ୍ରୁ ଶୀକାର ହଉଅଛି ଯାହା ମାନବ ସମାଜ ପାଇଁ ବୈଷୟିକ ଜ୍ଞାନ ଆର୍ଶୀବାଦ ଥିଲା ବର୍ତମାନ ତାହା ଆମ ପାଇଁ ଅଭିଶାପ ହେଲାଣି ଓ ଅତିହ୍ନା ଲିଙ୍କ,ଅଜଣା ଆପ୍ସ,ଅଜଣା ମେସେଜ, ଥ୍ରିଇଫାଇ ,ଇମେଲ, ଫେକ ଅଫସାଇଟ ,ଫେସବୁକ,ଇନଷ୍ଟାଗ୍ରାମ ଥ୍ରେହାଷ ଆପ୍ସ, ସାଇବର ଅପରାଧ ବ୍ୟବହାର କରନ୍ତିବା ପାଇଁ ଟ୍ରାଇ ସିଏଚି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ପିପିଟି ମାଧ୍ୟମରେ ପରାମର୍ଶ ଦେଉଅଛନ୍ତି ଓ ଓଟିପି ଅଜଣାରୁ ଦେବା ନିଜେ ଅଜାଣ ହେବା ଓ ଟ୍ରାଇ ପ୍ରତ ଆପ ଡ଼ିଏନଡ଼ି, ମାଇଷ୍ଟାଡ ଆପ୍ସ, ମାଇ କଲ, ମାଇଷ୍ଟାଡ,ଟ୍ରାଇ ଡ଼ିଏନଡ଼ି ଆପ ,ସ୍ୱଦେଶୀ ଆପ୍ସ ଓ ଟ୍ରାଇର ଥ୍ରେବସାଇଟ ବ୍ୟବହାର କରିବା ପାଇଁ ଶିକ୍ଷାଦିନ ସୁବାମ ଡାକୁଆ ସାଧନକର୍ମୀ ଭାବେ ଓ ସମ୍ମାନ ଅତିଥି ଭାବେ ସାଇବାର ସେଲ ଏସାଲ ଡ଼ିଲୋଚନ ସ୍ୱାମୀ ସଂଚାର ସାଥୁ, ଚକ୍ଷୁ ଆପ୍ସ, ପ୍ରତିବିମ୍ବ, ହେଲ୍ପ ଲାଇନ ୧୯୩୦,ସାଇବାର କ୍ରାଇମ ଡଟ ଜିଓଭି ଡଟ ଇନ ଡାଲିମ ପ୍ରଦାନ କରିଛନ୍ତି ଓ ଇମ୍ପାଚ ନଗରୀ ରାଉରକେଲା ଓ ସୁନ୍ଦରଗଡ ଜିଲ୍ଲାରେ ଅଧିସ୍ଥିତ, ଦୁର୍ଗମ ଅଚଂଳର ଗ୍ରାମରେ ପ୍ରାୟ ଟେଲିକୋମ ସେବାର ବିପର୍ଯ୍ୟସ୍ତ ,ନେଟୱର୍କ ଆସୁନି ,ବହୁ ଧୂମିରେ ଚାଲିବା ଓ ଟେଲିକମ୍ପାନୀ ମାନେ ଯାଣିଶୁଣି ଅଣଦେଖା କରୁଛନ୍ତି ବୋଲି ସଭାରେ ଅଭିବକ୍ତା ମାନେ ମତ ରଖିଥିଲେ ଓ ଟ୍ରାଇ ନିୟମ କଡାକଡି ଥିଲେ ମଧ୍ୟ ଟେଲିକମ କମ୍ପାନୀ ଅଣଦେଖା କରୁଛନ୍ତି ,ଓଡରାଓଡି କମ୍ପାନୀ ମାନେ ରିଚାର୍ଜ ପ୍ଲାନ ଭଡା ବଢେଇ ଦେଇଛନ୍ତି,କମ ପଇସା ପ୍ଲାନ ବାହାରନକରିବା, ୩୦ ଦିନବଦଳରେ ୨୮ଦିନରେ ମାସ ଧାର୍ଯ୍ୟକରିବା ଜିଲ୍ଲା ତା ତୁଳନାରେ ସେବା ନବେଦା ଓ ଅଭିଯୋଗ ପ୍ରଣାଳୀକୁ ସରଳ କରିବା , ଅଧିକ ଗ୍ରାହକ କେନ୍ଦ୍ର, ଟୋଲ ଫ୍ରୀ ନମ୍ବର ଓ ଓଡିଆ ଭାଷାରେ ସୁଗମ୍ୟ କରିବା, ଅଧିକରୁ ଅଧିକ ଗ୍ରାମଅଂଚଳରେ ଗ୍ରାହକ ସଚେତନତା କର୍ମଶାଳାଓ କମ୍ପାନୀସୁଚିକ କରିବା ଉପରେ ସମସ୍ତେ ବାଦୀ କରିଥିଲେ ଓ ଟ୍ରାଇ ନିୟମ ଓ ନିର୍ଦ୍ଦେଶଓବକୀ ଟେଲିକମ୍ପାନୀ ମାନେ ମାନନ୍ତୁ ଖିଲାପହେଲେ ଅର୍ଥଦଣ୍ଡ ସହ ସେବା ନିଷେଧଓଶ ବଳବତର ଅଛି ବୋଲି ଟ୍ରାଇ ସିଏଚି ସଭ୍ୟ ଶ୍ରୀ ସାହୁ କହିଥିଲେ ଓ ବିଏସଏନଏଲ,ଏୟାରଟେଲ,ଜିଓ କ୍ଷେତ୍ର ଅଧିକାରୀ ଓ ଶତଓଧିକରୁ ଅଧିକ ଅଙ୍ଗନବାଡି,ମହିଳାନେତ୍ରୀ ଓ ଗ୍ରାହକ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ଓ ବିଦ୍ୟାଧର ତ୍ରିପାଠୀ ଶେଷରେ ଧନ୍ୟବାଦ ଅର୍ପଣକରି ଶେଷ କରିଥିଲେ ।

ବଲାଙ୍ଗୀର ବିଜେଡିର ୨୯ତମ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର,୨୮/୧୨(ନି/ପ୍): ବଲାଙ୍ଗୀର ନିର୍ବାଚନ ମଣ୍ଡଳୀ ସ୍ଥାନୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଠାରେ ପାଳିତ ହୋଇ ଯାଇଛି । ଏହି ଦିବସରେ ବଲାଙ୍ଗୀର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପ୍ରବାବ ସୁରୁଷ ସ୍ପର୍ଶ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପରେପରେ ବଲାଙ୍ଗୀର ବିଜେଡି ନଗର ସଭାପତି ତଥା ବରିଷ୍ଠ ଭାଜନସିଳର ଶମ୍ଭୁ ନାଗଙ୍କ ସଭାପତିତ୍ୱରେ ବିଜେଡି ପ୍ରତିଷ୍ଠା ଦିବସ ସମାରୋହ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପାଣ୍ଡବ କୁମାର, ଲମ୍ବତ ଆରା ଖାନ, ସତ୍ୟ ନାରାୟଣ ଭୋଲ, ଛାତ୍ର ସଭାପତି ସୁମନ ନନ୍ଦ, ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ, ପ୍ରଦ୍ୟୁମ୍ନ ଛୋଟା, ନିହାର ରଞ୍ଜନ ସ୍ୱାଇଁ, ଦେବଓଁ ବୁଲ ଅଧକ୍ଷ ଦୟନାଧ୍ୟ ଖମାରୀ, ବିଧୁ ଭୂଷଣ ତ୍ରିପାଠି, କୈଳାଶ ଚନ୍ଦ୍ର ମହାନ୍ତିଙ୍କ ପରେପରେ ମୁଖ୍ୟ ଅତିଥି ଦେବକୀ ସାହୁ ବିଜୁ ଜନତା ଦଳର ଗଠନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିତୀ ଆଦର୍ଶ ଓ ବିଚାରଧାରା ବିଷୟରେ ଆଲୋକପାତ କରିବା ସହିତ ବକ୍ତାମାନେ ନବୀନ ପଟ୍ଟନାୟକ ସୁ-ଶାସନରେ ଓଡିଶାବାସୀଙ୍କ ବିକାଶ ଓ ଆଜିର ଦଳଳ ଲଣ୍ଡନ ସରକାରଙ୍କ ବିଫଳତା ବିଷୟରେ କର୍ମଚାରୀଙ୍କୁ ଅବଗତ କରାଯ ଆଗକୁ ବିଜୁ ଜନତା ଦଳକୁ ପୂର୍ବତନ ମନ୍ତ୍ରୀ

ଆରଏସପି ଅନ୍ତର୍ଗତ କ୍ୟାପ୍ଟିଭ୍ ପାୱାର ପ୍ଲାଟ-୧ ଦ୍ୱାରା ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ "ପ୍ରତ୍ୟେକ ସକାଳ ଆମ ପାଇଁ ନୂତନ ଦିଗନ୍ତ ସୃଷ୍ଟି କରିବ," ବୋଲି ଡ଼ିଆଇସିଙ୍କ ଉଲ୍ଲେଖ

ରାଉରକେଲା,୨୮/୧୨(ନି/ପ୍):ସେଲ୍,ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କ୍ୟାପ୍ଟିଭ୍ ପାୱାର ପ୍ଲାଟ-୧ ଡିସେମ୍ବର ୨୫ ତାରିଖରେ ସର୍ବକାଳୀନ ଶ୍ରେଷ୍ଠ ୫୩.୧୭ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରି ନୂତନ ଏକ ଦିବସୀୟ ରେକର୍ଡ ସୃଷ୍ଟି କରିଛି । ଷ୍ଟିମ୍ ଟର୍ବାଇନ୍ ଜେନେରେଟର୍ -୧ ଏବଂ ୨ (ଏସଟିଜି) ୩୩.୧୬ ମେଗାୱାଟ୍, ବ୍ୟାକ୍ ପ୍ରେସର୍ ଟର୍ବାଇନ୍ ଜେନେରେଟର୍ (ବିପିଟିଜି) ୩.୬୧ ମେଗାୱାଟ୍ ଉତ୍ପାଦନ କରିଥିବାବେଳେ ଟପ୍ ରିକଭରି ଟର୍ବାଇନ୍ ଜେନେରେଟର୍ (ଟିଆରଟିଜି) ୧୬.୩୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରି ସମୁଦାୟ ୫୩.୧୭ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର ରେକର୍ଡ ସୃଷ୍ଟି କରିଥିଲେ । ଏହାର ପୂର୍ବ ସର୍ବୋତ୍ତମ ଉତ୍ପାଦନ ରେକର୍ଡ ୨୦୨୩ ମସିହା ଅଗଷ୍ଟ ୧୧ ତାରିଖରେ ୫୨.୪୧ ମେଗାୱାଟ ଥିଲା । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ସହିତ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ଏବଂ ଓଡିଓଏମ୍-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍ ପି ସିଂହ ଏବଂ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁବୋଧ ପାଲଚୌଧୁରୀ ଡିସେମ୍ବର ୨୭ ତାରିଖରେ ବିଭାଗ ପରିଦର୍ଶନ କରିଥିଲେ ଏବଂ ସିପିପି-୧ ସାମୂହିକଙ୍କୁ ସେମାନଙ୍କର ନିରନ୍ତର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ କାରଖାନାର ବହୁ ସିନିୟମ ଏବଂ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ସିପିପି-୧ ବିଭାଗର ସାମୂହିକଙ୍କ ପ୍ରୟାସକୁ ପ୍ରଶଂସା କରି ଡିଆଇସି ନିରନ୍ତର ଉନ୍ନତି ପ୍ରଗତିର ଚାବିକାଠି ବୋଲି ଉଲ୍ଲେଖ କରିବା ସହ ନିରନ୍ତର ଉନ୍ନତିରେ ବିଶ୍ୱାସ କରିବାକୁ ବଳକୁ ପରାମର୍ଶ ଦେଇଥିଲେ । ଡ଼ିଆଇସି ନିଜ ବକ୍ତବ୍ୟରେ, ଆମ ନିଜଟରେ ବିଶ୍ୱାସ ରହିବା ଉଚିତ ଯେ ଆମର ଆଜିର ମାନଦଣ୍ଡ ସ୍ଥାନରେ ଆସନ୍ତା କାଲି ଅନ୍ୟ ଏକ ଉନ୍ନତ ସଂଗଠଣ ସ୍ଥାନ ନିର୍ଦ୍ଧାରିତ କରିବ । ଏହି ନିରନ୍ତର ବିକାଶ ଆମକୁ ଉନ୍ନମ ଫଳାଫଳ ହାସଲ କରିବାକୁ ପ୍ରେରଣା ଦିଏ, ବୋଲି କହିଥିଲେ । ବିଭାଗର ସାମର୍ଥ୍ୟ ଉପରେ ବିଶ୍ୱାସ ପ୍ରକଟ କରି ଡ଼ିଆଇସି କହିଥିଲେ ଯେ, ସେ ନିଶ୍ଚିତ ଯେ ସିପିପି-୧ ଖୁବ୍ ଶୀଘ୍ର ୬୨ ମେଗା ୱାଟ ର ପରବର୍ତ୍ତୀ ଲକ୍ଷ୍ୟ ସ୍ତର ହାସଲ କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୯ ସୁଦ୍ଧା ଆରଏସପିକୁ ସବୁଠାରୁ କମ୍ ମୂଲ୍ୟର ଇସ୍ପାତ ଉତ୍ପାଦନକାରୀ ହେବା ପାଇଁ ସମସ୍ତ ପ୍ରୟାସ ନିଶ୍ଚିତ ରୂପେ କରିବାକୁ ପଡିବ ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତିବଦ୍ଧତା ଓ ନବସୃଜନ ସହିତ କାମ କରିବାକୁ ସେ ସାମୁଦ